## ୧୦.୬୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ୨ ଗିରଫ

**ଜଗତ୍‌ସିଂହପୁର ଅଫିସ:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କୋଷିଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରୁ ଗୁରୁବାର ୧୦.୬୦ ଗ୍ରାମ ବ୍ରାଉନ୍‌ସୁଗାର ଓ ୧୫୮୦ ଟଙ୍କା ଜବତ କରାଯାଇଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏହି ଗାଁର ମକୁ ଓ ରାଜକିଶୋର ମହାପାତ୍ର। ଏନେଇ ଥାନାରେ ମାମଲା (ନଂ.୪୧୩/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ରାସ୍ତା ମରାମତି ପାଇଁ ଛାତ୍ରୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଚିଠି



**କେନ୍ଦ୍ରାପଡା ଅଫିସ,୧୯।୮:** ସହରର ତିନିମୁହାଣୀଠାରୁ ଇଚ୍ଛାପୁର ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ଏହାର ମରାମତି ପାଇଁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ଏଥିସହ ନିଜର ସ୍ୱଳ୍ପ ସଞ୍ଚୟକୁ ଏଥିପାଇଁ ବିନିଯୋଗ କଲେ ଖୁସି ହେବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଯାହା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର କାରଣ ହୋଇଛି। ଏହି ଛାତ୍ରୀ ହେଉଛନ୍ତି ସହରର ଶାନ୍ତସାହିର ପ୍ରଦୀପ ପୃଷ୍ଟିଙ୍କ ଝିଅ ମଧୁସ୍ମିତା। ନିକଟସ୍ଥ ସରସ୍ୱତୀ ବିଦ୍ୟାମନ୍ଦିରରେ ସେ ପଢ଼ନ୍ତି। ଏ ସମ୍ପର୍କରେ ମଧୁସ୍ମିତା କହିଛନ୍ତି, ବର୍ଷକ ମଧ୍ୟରେ ନିର୍ମାଣ ହୋଇଥିବା ଏହି ରାସ୍ତା ଏବେ ଗତାଗତ ଯୋଗ୍ୟ ହୋଇନାହିଁ। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ହେବାରୁ ଦୁର୍ଘଟଣା ବଢ଼ିଚାଲିଛି। ଏ ନେଇ ଗତ ୨ ତାରିଖରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଚିଠି ପ୍ରଦାନ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ତେବେ ରାସ୍ତାର ମରାମତି ଆବଶ୍ୟକ। ନିଜର ସ୍ୱଳ୍ପ ସଞ୍ଚୟ ପ୍ରଦାନ ପାଇଁ ପ୍ରସ୍ତୁତ ଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବୋଲି ସେ ମତ ଦେଇଛନ୍ତି।

### ପ୍ରଶାସନିକ ଅଧିକାରୀଙ୍କୁ ଅଟକ ଅଭିଯୋଗରେ ମାମଲା ରୁଜୁ

**କୁଜଙ୍ଗ,୧୯।୮:** ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆଠାରେ ଜଙ୍ଗଲ ଜମି ଅଧିକାର ଦାବିକରି ବୁଧବାର ବ୍ଲକ ପ୍ରଶାସନକୁ ବିରୋଧ କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ଢିଙ୍କିଆ ପଞ୍ଚାୟତରେ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପାଇଁ ଯାଇଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକାଇଥିଲେ। ସେମାନେ ତହସିଲଦାର, ବିଡିଓ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଅଭୟଚାନ୍ଦପୁର ଓ ଲକ୍ଷ୍ମଥାନା ଅଧିକାରୀଙ୍କୁ ୨ ଘଣ୍ଟା ଅଟକ ରଖିଥିଲେ। ପ୍ରଶାସନିକ ଅଧିକାରୀଙ୍କୁ ଅଟକ ରଖାଯିବା ଓ ସରକାରୀ କାର୍ଯ୍ୟରେ ବାଧା ଦେବା ଘଟଣାରେ ବିଡିଓ କୈଳାସ ଚନ୍ଦ୍ର ବେହେରା ଓ ତହସିଲଦାର ପ୍ରଜ୍ଞାନନ୍ଦ ଦାସ ଅଭୟଚାନ୍ଦପୁର ଥାନାରେ ଗୁରୁବାର ପୃଥକ୍ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୭୮/୨୧ ଓ ୭୯/୨୧) ରୁଜୁ ହୋଇଛି। ଢିଙ୍କିଆ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ ଓ କୁନି ମଲ୍ଲିକଙ୍କ ନାମରେ ଏହି ମାମଲା କରାଯାଇଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଆମେରିକା ସୈନ୍ୟଙ୍କୁ ଡରୁଥିଲା ତାଲିବାନ୍

**ପଡ଼ୋଶୀ ଆଫଗାନିସ୍ତାନକୁ କିଏ କର୍ମ ସଂସ୍ଥାନ ପାଇଁ ଯାଇଥିଲେ ତ ପୁଣି କେହି କାବୁଲରେ ଅବସ୍ଥାନ କରି ସୁଖମୟ ଜୀବନ ବିତାଇବାକୁ। ହେଲେ ବିଦେଶୀ ସୈନ୍ୟଙ୍କ ଘରବାହୁଡ଼ା ପରେ ସପ୍ତାହେ ଭିତରେ ବଦଳିଯାଇଥିଲା ସମ୍ପୂର୍ଣ୍ଣ ଦୃଶ୍ୟପଟ। ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ତାଲିବାନ୍ ଅଗଷ୍ଟ ୧୫ରେ ରାଜଧାନୀ ଦଖଲ କରିବା ପରେ ସେଠାରେ ରହୁଥିବା ଭାରତୀୟମାନଙ୍କ ଚିନ୍ତା ବଢ଼ିଯାଇଛି। ଇତିମଧ୍ୟରେ ଶତାଧିକ ଭାରତୀୟଙ୍କୁ କାବୁଲ ବିମାନବନ୍ଦରରୁ ଏୟାରଲିଫ୍ଟ କରି ସ୍ୱଦେଶକୁ ଫେରାଇ ଅଣାଯାଇଥିବାବେଳେ ଆହୁରି ଫସିରହିଛନ୍ତି ଅନେକେ। ଆଫଗାନିସ୍ତାନ ଫେରନ୍ତା ଓ ସେଠାରେ ଆତଙ୍କିତ ଅବସ୍ଥାରେ ଥିବା ଭାରତୀୟଙ୍କ ମଧ୍ୟରେ ରହିଛନ୍ତି କେତେଜଣ ଓଡ଼ିଆ। ଏଠି ନିଜ ଆତ୍ମୀୟସ୍ୱଜନଙ୍କ ପ୍ରତ୍ୟାବର୍ତ୍ତନ ଚିନ୍ତାରେ ରହିଛନ୍ତି ପରିବାର ଲୋକେ। ତେବେ ସଙ୍କଟରେ ଥିବା ନାଗରିକଙ୍କୁ 'ବନ୍ଦେ ଭାରତ ମିଶନ'ରେ ଭାରତୀୟ ବାୟୁସେନା ବିମାନ ଯୋଗେ ଫେରାଇ ଅଣାଯିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ଘୋଷଣା ଦେଇଛି ସାମାନ୍ୟ ଆଶ୍ୱସ୍ତି।**

ଡେରାବିଶ,୧୯।୮(ସ୍ୱ.ପ୍ର.)

ତାଲିବାନ୍ ଦଖଲରେ ଥିବା କାବୁଲରୁ ସୁରକ୍ଷିତ ଭାବେ ଫେରିଆସିଛନ୍ତି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍‌ର ମନୋରଞ୍ଜନ ସାହୁ। ୩୦ ବର୍ଷୀୟ ମନୋରଞ୍ଜନ କହିଛନ୍ତି, ଜନ୍ମମାଟିରେ ଶାଗ ପଖାଳ ଖାଇ ରହିବେ ପଛେ ଆଫଗାନିସ୍ତାନକୁ ଆଉ ଯିବେ ନାହିଁ। କାରଣ ସେଠାରେ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟର ଉପସ୍ଥିତି ସେମାନଙ୍କୁ ବଳ ଦେଉଥିଲା। ଆମେରିକାର ସୈନ୍ୟ ପ୍ରତ୍ୟାହାର ପରେ କେବଳ ଭାରତୀୟ କି ଅନ୍ୟ ଦେଶର ନାଗରିକ ନୁହନ୍ତି, ତାଲିବାନ୍ ଶାସନରେ ଖୋଦ୍ ଆଫଗାନମାନେ ମଧ୍ୟ ଅସୁରକ୍ଷିତ ହୋଇଯାଇଛନ୍ତି। ଅଶ୍ରଫ୍ ଗନି ସରକାରଙ୍କ ପତନ ଓ ଇସ୍‌ଲାମିକ୍ କଠୋରପନ୍ଥୀଙ୍କ ଆତଙ୍କରାଜକୁ ନେଇ ଦ୍ରୁତ ପରିବର୍ତ୍ତନଶୀଳ ଘଟଣାକ୍ରମର ଅନୁଭୂତି ବଖାଣିଛନ୍ତି ଓଡ଼ିଆ ପୁଅ ମନୋରଞ୍ଜନ।

ଡେରାବିଶ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ କୁସୁନୁପୁର ଗାଁର ରବୀନ୍ଦ୍ର ସାହୁଙ୍କ ପୁଅ ମନୋରଞ୍ଜନ। ସ୍ନାତକ ଶିକ୍ଷା ଶେଷ କରିବା ପରେ ଇଚ୍ଛା ଥିଲା ବିଦେଶରେ ଚାକିରି କରି ଘର ଲୋକଙ୍କୁ ଯଥାସାଧ୍ୟ ଆର୍ଥିକ ସହଯୋଗ କରିବାକୁ। ଏହି ଆଗ୍ରହ ତାଙ୍କୁ ୨୦୧୬ରେ ଟାଣି ନେଇଥିଲା ସୁଦୂର ଆଫଗାନିସ୍ତାନକୁ। ଚେନ୍ନାଇସ୍ଥିତ ଇଣ୍ଡିଆନ୍

### ମନୋରଞ୍ଜନଙ୍କ ଆଫଗାନିସ୍ତାନ ଅନୁଭୂତି

ଓଭରସିଜ୍ କନ୍‌ସଲଟାଣ୍ଟରେ ପରୀକ୍ଷା ଦେଇ ଆମେରିକାନ୍ ଆର୍ମି ବେସ୍‌ରେ ତାଙ୍କୁ ମିଳିଥିଲା ନିଯୁକ୍ତି। ସେ କାବୁଲ୍‌ଠାରୁ ୩୦ କି.ମି. ଦୂରରେ ବ୍ୟାଗ୍ରାମ୍‌ରେ ଥିବା ଆମେରିକୀୟ ସେନାଘାଟିରେ ସୈନ୍ୟଙ୍କ ପାଇଁ ପୋଷାକ, ହେଲ୍‌ମେଟ ଆଦି ସୁରକ୍ଷା ଉପକରଣ ପ୍ରସ୍ତୁତିରେ ନିୟୋଜିତ ଥିଲେ। ମାସକୁ ମିଳୁଥିଲା ଭାରତୀୟ ମୁଦ୍ରାରେ ୫୫ ହଜାର ଟଙ୍କା ଦରମା। ଆର୍ମି ବେସ୍ କ୍ୟାଣ୍ଟିନ୍‌ରେ ମନପସନ୍ଦର ଓଡ଼ିଆ ଖାଦ୍ୟ ଦୈନିକ ଖାଉଥିଲେ। ଆମେରିକୀୟ ସୈନ୍ୟ ୨୦ ବର୍ଷ ଧରି ଆଫଗାନ ନାଗରିକ ଓ ସରକାରଙ୍କୁ ସୁରକ୍ଷା ଦେଇଆସୁଥିବାରୁ ତାଙ୍କର କେବେ କିଛି ଅସୁବିଧା ହୋଇ ନ ଥିଲା। ତାଲିବାନ୍‌ର ଆତଙ୍କବାଦୀମାନେ ବିଦେଶୀ ସୁରକ୍ଷା ବଳକୁ ଭୟ କରୁଥିଲେ। ମାତ୍ର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୈନ୍ୟ ପ୍ରତ୍ୟାହାର ଘୋଷଣା କରିବା ପରେ ହଠାତ୍ ତାଲିବାନର ବଳ ବୃଦ୍ଧି ଘଟିଥିଲା। ସୈନ୍ୟ ଯେତିକି ଊଣା ହେଉଥିଲେ ତାଲିବାନ୍ ସେତିକି ମାଡ଼ିଆସୁଥିଲା। ପ୍ରଥମେ ଗାଁ ଓ ସହରକୁ କବ୍‌ଜା କରିବା ପରେ କ୍ରମଶଃ ରାଜଧାନୀ କାବୁଲ ଅଭିମୁଖେ ଅଗ୍ରସର ହୋଇଥିଲେ ସଶସ୍ତ୍ର ଆତଙ୍କବାଦୀ। ଶେଷରେ ଯାହା ଘଟିଲା ତାହା ସମସ୍ତେ ଜାଣନ୍ତି। ତାଲବାନ ରାଜ ଆରମ୍ଭ ହେବା କ୍ଷଣି ପୁଅ କେମିତି ଅଛି ବୋଲି ଏଠି ଘର ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଥାଏ। ଟିଭି ଓ ଖବରକାଗଜରୁ ଅଶାନ୍ତ ଆଫଗାନିସ୍ତାନର



ଅଫଗାନିସ୍ତାନରେ ଜଣେ ଆମେରିକା ଯବାନଙ୍କ ସହ ମନୋରଞ୍ଜନ ।

ବିକଳ ଚିତ୍ର ଦେଖି ଏକପ୍ରକାର ନିରୁପାୟ ହୋଇଯାଇଥିଲେ ରବୀନ୍ଦ୍ର। ପୁଅ ଯେମିତି ବି ହେଉ ଘରକୁ ଫେରିଆସୁ ବୋଲି ଠାକୁରଙ୍କ ନିକଟରେ ଗୁହାରି କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା। ଶେଷରେ ମନୋରଞ୍ଜନ ଫେରିଆସିଥିଲେ।

ଆଫଗାନିସ୍ତାନ ସ୍ଥିତିକୁ ନେଇ ମନୋରଞ୍ଜନ କହନ୍ତି, ସେଠାକାର ନାଗରିକଙ୍କ ଆର୍ଥିକ ଅବସ୍ଥା ସେତେଟା ସ୍ୱଚ୍ଛଳ ହୋଇ ନ ଥିଲେ ବି ଜୀବନଶୈଳୀ ଅତ୍ୟନ୍ତ ଭଲ। ମୁସଲମାନ ସମ୍ପ୍ରଦାୟଙ୍କ ବିଭିନ୍ନ ପର୍ବପର୍ବାଣି ସମୟରେ ତାଲିବାନ୍ ଆକ୍ରମଣରେ ବହୁ ଧନଜୀବନ ନଷ୍ଟ ହେଉଥିଲା। ଏଥିରେ ଅନେକ ଭାରତୀୟଙ୍କ ଜୀବନ ମଧ୍ୟ ଯାଇଛି। ଆମେରିକା ସୈନ୍ୟ ପ୍ରତ୍ୟାହାର ଘୋଷଣା ପରେ କର୍ମନିଯୁକ୍ତି ପାଇଥିବା ଓଡ଼ିଶାର ବହୁ ଯୁବକ ନିଜ ଗ୍ରାମକୁ ଫେରି ଆସିଥିଲେ। ତଥାପି ତାଙ୍କର କେତେଜଣ ସହକର୍ମୀ କାବୁଲ୍‌ରେ ଫସିରହିଛନ୍ତି। ସେମାନଙ୍କ ସହ ଆଉ ଫୋନ୍‌ରେ ଯୋଗାଯୋଗ ହୋଇପାରୁ ନାହିଁ। ସେ ରହୁଥିବା ସ୍ଥାନଟି ତାଲିବାନ ଦଖଲରେ ଥିବା ବୈଦ୍ୟୁତିକ ଗଣମାଧ୍ୟମରେ ସେ ଦେଖିବାକୁ ପାଇଛନ୍ତି।

## ୯ ନଂ. କେନାଲର ଶେଷ ମୁଣ୍ଡରେ ପହଞ୍ଚିଲା ପାଣି

ଡେରାବିଶ, ୧୯।୮(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ୯ ନଂ. ଶାଖା କେନାଲଟି ବ୍ଲକ ଅନ୍ତର୍ଗତ ଚଟରାଚକଡ଼ା ପଞ୍ଚାୟତର ହଳଦିବସନ୍ତ ଗ୍ରାମ ଯାଏ ଯାଇଛି। ଏହି ଗ୍ରାମର ଚାଷଜମିଗୁଡ଼ିକ କେନାଲରୁ ଶେଷ ମୁଣ୍ଡରେ ଥିବାରୁ ଦୀର୍ଘବର୍ଷ ଧରି ଜଳସେଚିତ ହୋଇ ପାରୁ ନ ଥିଲା। ଏ ନେଇ ହଳଦିବସନ୍ତ ସମେତ ଆଖପାଖ ଗ୍ରାମର ଚାଷୀମାନେ ଜିଲା ଶ୍ରମିକ ସଂଘ ନେତୃତ୍ୱରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲାପାଳଙ୍କ ନିକଟରେ ଚାଷଜମିକୁ ପାଣି ଯୋଗାଇବା ପାଇଁ ଦାବି କରିଆସୁଥିଲେ। ଗତ ସପ୍ତାହରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା ଏହି କେନାଲ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତେବେ ସପ୍ତାହକ ମଧ୍ୟରେ କେନାଲକୁ ସଫା କରି ପାଣି ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଯନ୍ତ୍ରୀଙ୍କ ତତ୍ପରତା ଯୋଗୁ ହଳଦିବସନ୍ତଠାରେ କେନାଲ ପାଣି ପହଞ୍ଚି ଥିବାରୁ ଗ୍ରାମର ଚାଷୀ ଭାଗବତ ମଲ୍ଲିକ, ସତ୍ୟରଞ୍ଜନ ମଲ୍ଲିକ, ସନାତନ ମଲ୍ଲିକ ଓ କୃତ୍ତିବାସ ଦାସ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗୁରୁବାର କେନାଲକୁ କେନ୍ଦ୍ରାପଡ଼ାର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରବୋଧ ରାଉତ, ଛତା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ ଓ ସହକାରୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀ ପରିଦର୍ଶନ କରି ଫେରିଛନ୍ତି।

# ଓଷକଣା ଘେରିବନ୍ଧ କାର୍ଯ୍ୟ ନିମ୍ନମାନର

- ଅସରାଏ ବର୍ଷାରେ ବୋହିଗଲା ମାଟି
- ଠିକ୍‌ରେ ହୋଇନି ଗାଡୱାଲ

ନାଉଗାଁ,୧୯।୮(ସ୍ୱ.ପ୍ର.)

ନଦୀରେ ଆସୁଥିବା ବନ୍ୟା ପାଣିରୁ ତଳିଆ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଘେରି ବନ୍ଧ ନିର୍ମାଣ କରାଯାଉଛି। ଏହି ଘେରି ବନ୍ଧ ହେବା ଦ୍ୱାରା ବର୍ଷା ଦିନେ ନଦୀ ପାଣି ଗ୍ରାମ ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ଓଷକଣା ପଞ୍ଚାୟତଟି ଦେବୀନଦୀ କୂଳରେ ଅବସ୍ଥିତ। ଓଷକଣା ଗ୍ରାମରୁ ଉଠି ଯାଇ ନଦୀ ପାଖରେ ଶହେରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଜଳସେଚନ ବିଭାଗ ପକ୍ଷରୁ ଏକ ଘେରି ବନ୍ଧ ନିର୍ମାଣ କରାଯାଉଛି। ଏହାର କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ବନ୍ଧ ଉପରେ ଅଳ୍ପ ମାଟି ଛିଞ୍ଚିବା ସହ ନଦୀ ପାର୍ଶ୍ୱରୁ ଘାସ ଓ ମାଟି ଚାଞ୍ଛି ଦିଆଯାଇଛି। ଫଳରେ ଅସରାଏ ବର୍ଷାରେ ମାଟି ସବୁ ବୋହି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ପୂର୍ବରୁ ସୂଚନା ଫଳକ ଲଗାଯିବାର ନିୟମ ରହିଛି। ହେଲେ ଏଠାରେ



ଓଷକଣା ଘେରିବନ୍ଧ।

କୌଣସି ସୂଚନା ଫଳକ ଲଗାଯାଇନାହିଁ।

ବିଭାଗୀୟ ଯନ୍ତ୍ରୀଙ୍କ ସୂଚନା ମୁତାବକ, ଓଷକଣା ଘେରି ବନ୍ଧଟି ନିର୍ମାଣ କାମ ପାଇଁ ଟେଣ୍ଡର ହୋଇନାହିଁ। ଚିଠା ମାଧ୍ୟମରେ ଠିକାଦାର କାର୍ଯ୍ୟ କରୁଛନ୍ତି। ଏହି ଘେରି ବନ୍ଧ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଘେରି ବନ୍ଧଟି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଉଥିଲେ ମଧ୍ୟ ତାହା କାର୍ଯ୍ୟରେ ଲାଗିବା ପୂର୍ବରୁ ଅସରାଏ ବର୍ଷାରେ ମାଟି ଧୋଇ ଯାଇଛି। ସେହିପରି ଘେରି ବନ୍ଧରେ ମାଟି ଉପରେ ମୋରମ ପକାଇବାର ନିୟମ ରହିଛି। ଠିକାଦାର ପୂର୍ବରୁ ଥିବା ଘେରି ବନ୍ଧ ଉପରେ କେବଳ ଅଳ୍ପ କିଛି ମାଟି ପକାଇ ବନ୍ଧକୁ ଚାଞ୍ଛି ଦେଇଛନ୍ତି। ମାଟି ଚାଞ୍ଛିବା ଫଳରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ଦ୍ୱାରା ପାଇପ ମାଧ୍ୟମରେ ଗ୍ରାମକୁ ଯୋଗା ଯାଉଥିବା ପାଣି ପାଇପ ମାଟି ତଳୁ ବାହାରକୁ ଦେଖାଯାଉଛି। ଯାହା ଫଳରେ କୌଣସି ଗୋରୁ ଉକ୍ତ ପାଇପ ଉପରେ ଚଢି ଗଲେ ତାହା ଫାଟି ଯିବାର ସମ୍ଭାବନା ରହିଛି। ସେହିପରି ଘେରି ବନ୍ଧ ଚତୁପାର୍ଶ୍ୱ ଗାର୍ଡଓାଲ କରିବାର ନିୟମ ରହିଛି। ଯେଉଁ ଗାର୍ଡୱାଲ ତଳକୁ ୩ ଫୁଟ ଓ ଉପରକୁ ୫ ଫୁଟ ଉଚ୍ଚତାରେ ନିର୍ମାଣ କରାଯିବ। କିନ୍ତୁ ଏଠାରେ ନିର୍ମାଣ କରାଯାଇଥିବା ଗାର୍ଡ ୱାଲଟି ମାଟି ତଳୁ ୩ ଫୁଟ କରାଯାଇଥିବା ବେଳେ ଉପରକୁ ୫ ଫୁଟ କରାଯାଇନାହିଁ। ନିମ୍ନମାନର କାର୍ଯ୍ୟ କରି ଠିକାଦାର ବିଲ କରିବାକୁ ମସୁଧା କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ଦେବୀ ମିଶ୍ରଙ୍କୁ ପଚାରିବାରେ ଯେତିକି କାମ କରାଯାଇଥିବା ତାହାକୁ ମାପ କରାଯାଇ ବିଲ୍ କରାଯିବ। ଯଦି ଠିକ୍ ଭାବେ କାମ ନ ହୋଇଥିବା ବିଲ୍ କରାଯିବ ନାହିଁ ବୋଲି ସେ କହିଛନ୍ତି।

## 'ଜନସଚେତନତା ପାଇଁ କ୍ୟାଡେଟ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ୭୫ତମ ସ୍ୱାଧୀନତା ଦିବସ ସ୍ମୃତି ଉଦ୍ଦେଶ୍ୟରେ ଏନ୍‌ସିସି ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର ଅଫିସ, ୧୯।୮

୭୫ତମ ସ୍ୱାଧୀନତା ଦିବସର ସ୍ମୃତି ସାଉଁଟିବା ପାଇଁ ରକ୍ତଦାନ-ଏଡ୍‌ସ-ଯକ୍ଷ୍ମା ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କରାଯାଉଛି। ଏନେଇ ବିଭିନ୍ନ ଜିଲାରେ ଏନ୍‌ସିସି ପକ୍ଷରୁ ଆଲୋଚନାଚକ୍ର କରାଯାଉଛି। ଏହି ଉଦ୍ଦେଶ୍ୟରେ କଟକସ୍ଥିତ ୧ ଓଡ଼ିଶା ଏନ୍‌ସିସି ମୁଖ୍ୟ କମାଣ୍ଡିଂ ଅଫିସରଙ୍କ ନିର୍ଦ୍ଦେଶରେ ଜଗତ୍‌ସିଂହପୁର ଜିଲାରେ ଆଭାସୀ ମାଧ୍ୟମରେ ଦୁଇ ଦିନିଆ ଆଲୋଚନାଚକ୍ର ଆୟୋଜନ କରାଯାଇଛି। ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସମିତି ଦ୍ୱାରା ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାଚକ୍ରରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ, ସାରଳା ଦାସ ମହାବିଦ୍ୟାଳୟ, ବାଲିକୁଦା ମହାବିଦ୍ୟାଳୟ, ଅଲଣାହାଟ ଉଚ୍ଚ ବିଦ୍ୟାଳୟ, ପାରାଦୀପସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ, ଏନ୍‌ଏସି ହାଇସ୍କୁଲ, ପଙ୍କପାଳ ଉଚ୍ଚବିଦ୍ୟାଳୟ, ଗୁଆଳିପୁରସ୍ଥିତ ମହେଶ୍ୱର ଉଚ୍ଚ ବିଦ୍ୟାଳୟ, ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ ଏବଂ ବାଲିକୁଦା ଉଚ୍ଚ ବିଦ୍ୟାଳୟର ୫୫ ଜଣ ଏନ୍‌ସିସି କ୍ୟାଡେଟ୍ ଓ ସମ୍ପୃକ୍ତ ଅନୁଷ୍ଠାନର ଅଧିକାରୀମାନେ ଯୋଗ ଦେଇଥିଲେ। ଅଲଣାହାଟ ହାଇସ୍କୁଲର ଏନ୍‌ସିସି ଅଧିକାରୀ ଅମୂଲ୍ୟ କୁମାର ମିଶ୍ର ଯୋଗଦେଇ ରକ୍ତଦାନ, ଏଡ୍‌ସ ଏବଂ ଯକ୍ଷ୍ମା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ବ୍ୟାପକ ଜନସଚେତନତା ପାଇଁ କ୍ୟାଡେଟ୍‌ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ୟମାନଙ୍କ ମଧ୍ୟରେ ଏନସିସି ଅଫିସର ରାଜକିଶୋର ସାହୁ, ଗର୍ଜନ ଗାଗାରିଆ, ପ୍ରଦୀପ ବର୍ଦ୍ଧନ, ସୌଭାଗ୍ୟରଞ୍ଜନ ସାହୁ, ବିନିତ କୁମାର ଖୁଣ୍ଟିଆ, ତୋଫାନ ଦାସ, ମହେଶ ସେଠୀ, ଏବଂ ଦେବୀପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୧ ଓଡ଼ିଶା ଏନ୍‌ସିସି ବାଟାଲିୟନ କମାଣ୍ଡିଂ ଅଫିସର ଲ୍ୟୁଟନାଣ୍ଟ କର୍ଣ୍ଣେଲ ସଞ୍ଜୀବ ଦିୱାନ, ଗ୍ରୁପ କମାଣ୍ଡର କର୍ଣ୍ଣେଲ ରଜ୍‌ନିଶ କାପୁର ଓ ଡିଡିଜି ଓଡ଼ିଶା କମୋଡର ସୋମେନ୍ ବାନାର୍ଜୀ ପ୍ରମୁଖ ଯୋଗଦେଇ ଆଭାସୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ଜମି ମୂଲ୍ୟ ବୃଦ୍ଧି ପାଇଁ ଜନଶୁଣାଣିରେ ଦାବି

### ଜଇପୁର-କଟିକଟା ସେତୁ ପାଇଁ ଭୂମି ଅଧିଗ୍ରହଣ

ରଘୁନାଥପୁର,୧୯।୮(ଡି.ଏନ୍.ଏ.)

ଜଇପୁର-କଟିକଟା ମହାନଦୀ ଉପରେ ସେତୁ ନିର୍ମାଣ କରାଯିବ। ଜଗତ୍‌ସିଂହପୁର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ହେବାକୁ ଥିବା ଏହି କାର୍ଯ୍ୟନିମନ୍ତେ ଜମି ଅଧିଗ୍ରହଣ ପାଇଁ ସ୍ଥାନୀୟ ଡାକବଙ୍ଗଳା ପରିସରରେ ଗୁରୁବାର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ରଘୁନାଥପୁର ବ୍ଲକ ଖଣ୍ଡତରିସ୍ଥିତ ଜଇପୁର ପଟୁ ୨ ଏକର ୩୦ ଡିସିମିଲ ଭୂମି ଅଧିଗ୍ରହଣ ପାଇଁ ୨୦ ଜଣ ଜମି ମାଲିକଙ୍କୁ ଶିବିରକୁ ଡକାଯାଇଥିଲା। ଏଥିପାଇଁ ଧାର୍ଯ୍ୟ ହୋଇଥିବା ସରକାରୀ ମୂଲ୍ୟରେ ୧୫ ଜଣ ସମ୍ମତି ପ୍ରକାଶ କରିଥିବାବେଳେ ୫ ଜଣ ରାଜି ହୋଇ ନ ଥିଲେ। ବିଭାଗୀୟ ଅଧିକାରୀଙ୍କ ଜରିଆରେ ଜମି ମୂଲ୍ୟର ପୁନର୍ବିଚାର ପାଇଁ ଜିଲାପାଳଙ୍କ ନିକଟରେ ସେମାନେ ଲିଖିତ ଅଭିଯୋଗ କରିଥିଲେ।

ଜଇପୁର ପଟୁ ୨ଏକର ୩୦ଡିସିମିଲ ଭୂମି ଅଧିଗ୍ରହଣ ପାଇଁ ଉପସ୍ଥିତ ୨୦ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ମୂଲ୍ୟ ନେବା ପାଇଁ ୧୫ଜଣ ସମ୍ମତି ପ୍ରକାଶ କରି ଥିଲା ବେଳେ ବାକି ୫ଜଣ ଏହି ମୂଲ୍ୟକୁ ନେଇ ରାଜି ହୋଇ ନ ଥିଲେ।

ଅତିରିକ୍ତ ଜିଲାପାଳ ଚିନ୍ମୟୀ ଷଡ଼ଙ୍ଗୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନିମାଇଁଚରଣ ଦାସ, ଜମି ଅଧିଗ୍ରହଣ ଅଧିକାରୀ ଦିନେଶ ମିଶ୍ର, ସବରେଜିଷ୍ଟ୍ରାର ଶ୍ରୀକାନ୍ତ କୁମାର ବେଉରା, ତହସିଲଦାର ରୂପାଲିକା ଦାଶ, ଏସ୍‌ଡିଓ ରତିକାନ୍ତ ବେହେରା ଓ ଯନ୍ତ୍ରୀ ବିନୟ କୁମାର ସାହୁ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

ଗତ ମଙ୍ଗଳବାର ସେତୁ କାର୍ଯ୍ୟ ପାଇଁ କୃଷ୍ଣାନନ୍ଦପୁରଠାରେ ୩ ଏକର ଜମି ଅଧିଗ୍ରହଣ ନିମନ୍ତେ ଧାର୍ଯ୍ୟ ହୋଇଥିବା ସରକାରୀ ମୂଲ୍ୟରେ ୪୫ଜଣ ବ୍ୟକ୍ତି ସମ୍ମତି ପ୍ରଦାନ କରିଥିଲେ। ଜଇପୁରଠାରୁ ଭାୟା କୃଷ୍ଣାନନ୍ଦପୁର ବସନ୍ତଛକ ଦେଇ କେନ୍ଦ୍ରାପଡା ଜିଲାର କଟିକଟାକୁ ସଂଯୋଗୀକରଣ ପାଇଁ ମହାନଦୀରେ ସେତୁଟିଏ ନିର୍ମାଣ ନିମନ୍ତେ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ପୂର୍ବତନ ଯୋଜନାବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସଙ୍କ ଉଦ୍ୟମରେ ଏଥିପାଇଁ ୬୮କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା।



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

# ଲୋକଙ୍କ ନାଁ କହି ଅନ୍ୟକୁ ପାଣି

- ଖରସ୍ରୋତା ମେଗା ପାନୀୟଜଳ ପ୍ରକଳ୍ପ ବିବାଦ
- ଖବରଦାତା, ସୂଚନା ଅଧିକାର କର୍ମୀ ସ୍ଥିତି ପରଖିଲେ

ଆଳି,୧୯।୮(ଡି.ଏନ.ଏ)

ଭଦ୍ରକ ଜିଲାକୁ ପାନୀୟ ଜଳ ଯୋଗାଇ ଦେବାକୁ ନେଇ କେନ୍ଦ୍ରାପଡ଼ା ଜିଲା ରାଜକନିକା ବରୁଣାଡିହା ନିକଟରେ ଖରସ୍ରୋତା ନଦୀରେ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ଅଞ୍ଚଳବାସୀ ବିରୋଧ ଥମିବାର ନା ଧରୁନି। ପ୍ରକଳ୍ପ ଅଞ୍ଚଳରେ ୧୪୪ ଧାରା ଜାରି କରି ପ୍ରକଳ୍ପ କାର୍ଯ୍ୟକୁ ପୋଲିସ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ କରାଯାଉଛି। ଏହା ବିରୋଧରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ସଦସ୍ୟ ଶାନ୍ତିପୂର୍ଣ୍ଣ ଭାବେ ଅଚ୍ୟୁତପୁର ଅନ୍ଧାରଘରଣୀ ମନ୍ଦିର ନିକଟରେ ଗଣଧାରଣାରେ ବସିଛନ୍ତି। ଏହି ଘଟଣାର ପ୍ରକୃତ ତଥ୍ୟ ଅନୁଧ୍ୟାନ ନିମନ୍ତେ ଦୁଇଦିନ ପୂର୍ବେ ରାଜ୍ୟ ଭାଜପା ଓ କଂଗ୍ରେସର ଏକ ପ୍ରତିନିଧି ଦଳ ପ୍ରକଳ୍ପ ସ୍ଥଳ ବୁଲିବା ସହ ଗଣଧାରଣାରେ ସାମିଲ ହୋଇଥିବା ସଂଗ୍ରାମ ସମିତିର ଲୋକଙ୍କୁ ଭେଟି ଆଲୋଚନା କରି ଫେରିଥିଲେ। ଗୁରୁବାର ଏହାର ସ୍ଥିତି ପରଖିବା ପାଇଁ ବରିଷ୍ଠ ଖବରଦାତା ରବି ଦାସ, ସୂଚନା ଅଧିକାର ଅଭିଜାନର ଆବାହକ ପ୍ରଦୀପ ପ୍ରଧାନ, ସୂଚନା ଅଧିକାରର ସଦସ୍ୟ ସଂଯୁକ୍ତା ପାଣିଗ୍ରାହୀ ପହଞ୍ଚି ଥିଲେ। ପ୍ରକଳ୍ପ ସ୍ଥଳରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଭିତରକୁ ପ୍ରବେଶ ପାଇଁ ଅନୁମତି ଦେଇ ନ ଥିଲା। ପରେ କିଛି ସମୟ ପାଇଁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା ସେମାନଙ୍କୁ ଭିତରକୁ ଯିବାକୁ ଅନୁମତି ଦେଇଥିଲେ। ସେମାନେ ପ୍ରକଳ୍ପ



ପ୍ରକଳ୍ପ ଅଞ୍ଚଳରେ ବରିଷ୍ଠ ଖବରଦାତା ରବି ଦାସ, ସୂଚନା ଅଧିକାର ଆବାହକ ପ୍ରଦୀପ ପ୍ରଧାନ, ସୂଚନା ଅଧିକାରର ସଂଯୁକ୍ତା ପାଣିଗ୍ରାହୀ।

ସ୍ଥଳରେ ପ୍ରୋଜେକ୍ଟ କାର୍ଯ୍ୟ କରୁଥିବା ମେଘା ଇଂଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର ଲିମିଟେଡର ସିନିୟର ଇଞ୍ଜିନିୟର ଦୀପକ ପାଣିଗ୍ରାହୀଙ୍କ ସହ ପ୍ରକଳ୍ପ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରି ବୁଲି ଦେଖିଥିଲେ। ପରେ ଗଣଧାରଣା ଦେଇଥିବା ସଂଗ୍ରାମ ସମିତିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ ଖବରଦାତା ଦାସ ସ୍ଥିତି ପରଖିଲା ପରେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପ୍ରକଳ୍ପ ସ୍ଥଳରେ କୌଣସି ସରକାରୀ ଅଧିକାରୀ ନ ଥିବାରୁ ସେମାନେ କମ୍ପାନୀର ଜଣେ ଇଞ୍ଜିନିୟରଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକମାନେ ଯେଉଁ କାରଣ ପାଇଁ ଏହାକୁ ବିରୋଧ କରୁଛନ୍ତି ତାହାର ବାସ୍ତବ ଚିତ୍ର ଦେଖିବାକୁ ମିଳିଲା। ଯେଉଁ ପରିମାଣର ପାଣି ନେବାକୁ ଏଠାରୁ ଚେଷ୍ଟା କରାଯାଉଛି ଆବଶ୍ୟକଠାରୁ ତାହା ଅଧିକ ଲାଗୁଛି। ଜଣେ ଲୋକ ହିସାବରେ ୮୫ ଲିଟର ପାଣି ନେବାକୁ ସଫେଇ ଦିଆଯାଉଛି। ଜଣେ ଲୋକ ପାଇଁ ଏତେ ପରିମାଣ ପାଣିର ଆବଶ୍ୟକତା ପଡେନାହିଁ। ତେଣୁ ଲୋକଙ୍କ ନାଁ କହି ଅନ୍ୟକୁ ପାଣି ଦିଆଯିବ ବୋଲି ଜଣାପଡୁଛି। ରାଜ୍ୟ ଓ ଜିଲା ପ୍ରଶାସନ ସ୍ଥାନୀୟ ବାସିନ୍ଦାଙ୍କ ସହ ପ୍ରକଳ୍ପ ବାବଦରେ କୌଣସି ଆଲୋଚନା କରିନାହାନ୍ତି। ଏତେ ବଡ ପ୍ରକଳ୍ପ ହେଉଥିବା ବେଳେ କେଉଁଠାରେ ବି ଫଳକଟିଏ ଲଗାଯାଇନାହିଁ। ଏପରିକି ପଲ୍ଲିସଭା ମଧ୍ୟ ହୋଇନାହିଁ। ଜିଲାପାଳ, ଆରଡିସିସି ଏଠାକୁ ଆସି ସାଧାରଣ ଲୋକଙ୍କ ସହ ଆଲୋଚନା କରିବା ଜରୁରୀ। ଲୋକମାନଙ୍କୁ ପ୍ରକଳ୍ପ ସମ୍ବନ୍ଧରେ ବୁଝାଇବାକୁ ଯଦି ପ୍ରଶାସନ ସତସାହସ କରିପାରୁନି ତେବେ କାର୍ଯ୍ୟକୁ ବନ୍ଦ କରିବା ଦରକାର। ଅପରପକ୍ଷରେ ଭଦ୍ରକ ଜିଲାର ବିଭିନ୍ନ ନଦୀରେ ପାଣି ଥିବାବେଳେ ଖରସ୍ରୋତାରୁ ପାଣିନେବା ପଛରେ ନିଶ୍ଚିତ ଭାବେ ଏକ ଷଡଯନ୍ତ୍ର ଥିବା ସେ ପ୍ରକାଶ କରିଛନ୍ତି। ଗଣତନ୍ତ୍ରରେ ପ୍ରତିବାଦ କରିବା ସମସ୍ତଙ୍କ ଅଧିକାର ଥିବା ବେଳେ ପ୍ରକଳ୍ପକୁ ବିରୋଧ କରିଥିବା ଆନ୍ଦୋଳନକାରୀଙ୍କ ଗିରଫକୁ ସେ ଦୃଢ ନିନ୍ଦା କରିଥିଲେ। ସରକାର ମାନବୀୟ ଅଧିକାରଙ୍କୁ କ୍ଷୁର୍ଣ୍ଣ କରୁଥିବାରୁ ତୁରନ୍ତ ସେମାନଙ୍କୁ ଖଲାସ କରିବାକୁ ନିବେଦନ କରିଛନ୍ତି। ସୂଚନା ଅଧିକାରର ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି, ପୋଲିସ ସେମାନଙ୍କୁ ପ୍ରକଳ୍ପ ସ୍ଥଳକୁ ନ ଛାଡିବା ଘଟଣା ଅତି ନିନ୍ଦନୀୟ। ସରକାର ପ୍ରକଳ୍ପ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଦେବା ଦରକାର କିନ୍ତୁ ତାହା ଦିଆଯାଇନାହିଁ। ଯାହାକି ଲୋକଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧିବାର ମୁଖ୍ୟ କାରଣ। ପାନୀୟଜଳ ପ୍ରତ୍ୟେକ ଦିନ ନଦୀରୁ ମୁଣ୍ଡ ପିଛା ୮୫ ଲିଟର ନେବାକୁ ସ୍ଥିର କରାଯାଇଛି। କେଉଁ ଆଧାରରେ ଜଣକ ପିଛା ୮୫ ଲିଟର ପାଣି ଦରକାର ବୋଲି ଜାଣିବାକୁ ଚାହିଁବାରୁ ଠିକ୍ ଉତ୍ତର ମିଳିଲା ନାହିଁ। ମୁଣ୍ଡ ପିଛା ୧୦ରୁ୨୦ ଲିଟର ଖର୍ଚ୍ଚ ହେବା ପରେ ବାକି ଲିଟର ପାଣି କୁଆଡେ ଯିବ ତାହା ସନ୍ଦେହ ବଢାଉଛି। ଏହା ନିଶ୍ଚିତ ଭାବେ ସ୍ଥାନୀୟ ବାସିନ୍ଦାଙ୍କ ସନ୍ଦେହ ବୃଦ୍ଧିର କାରଣ। ସରକାର ତୁରନ୍ତ ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ତଥ୍ୟ ଲୋକମାନଙ୍କୁ ଦେବାର ବ୍ୟବସ୍ଥା କରନ୍ତୁ। କେଉଁ ସ୍କିମରେ ଏହି ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି ଆଉ ଟଙ୍କା କେଉଁଠୁ ଆସୁଛି ତାହା ସନ୍ଦେହକୁ ଦୃଢୀଭୂତ କରୁଛି। ପୋଲିସର ଦମନଲିଳା ମଧ୍ୟ ନିନ୍ଦନୀୟ। ସରକାର ଯଦି ଏତେ ବଡ ପ୍ରକଳ୍ପ ଲୋକଙ୍କ ସ୍ୱାର୍ଥ ଲାଗି ନିର୍ମାଣ କରୁଛନ୍ତି ତେବେ ଜିଲା ପ୍ରଶାସନ ଆନ୍ଦୋଳନକାରୀଙ୍କ ଦାବି ଶୁଣିବା ଜରୁରୀ ବୋଲି ସେ କହିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ ସଭ୍ୟ ଦେବଦତ୍ତ ଚୌଧୁରୀ, ଦେବାଶିଷ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## କାଜୁ ଜଙ୍ଗଲରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ଥାନା ଜାରକା ଷ୍ଟାଡିୟମ ନିକଟସ୍ଥ କାଜୁ ଜଙ୍ଗଲରୁ ଗୁରୁବାର ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ଜାରକା ପଞ୍ଚାୟତ ଗେଡ଼ି ସାହିର ବିଦ୍ୟାଧର ଗେଡ଼ି(୭୦)ବୋଲି ଜଣାପଡିଛି। ବୁଧବାର କୌଣସି କାରଣକୁ ନେଇ ବିଦ୍ୟାଧରଙ୍କ ତାଙ୍କ ପରିବାର ସହିତ ପାଟିତୁଣ୍ଡ ହୋଇଥିଲା। ତେଣୁ ସେ ରାତିରେ ଘରୁ କେଉଁ ଆଡ଼େ ପଳାଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ତେବେ ଗୁରୁବାର ସକାଳୁ ତାଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଲୋକେ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଧର୍ମଶାଳା ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ପଠାଇଛି।

## ସଂକ୍ଷେପରେ

### ବ୍ୟାଙ୍କ୍ ଶାଖା ପରିଚାଳକଙ୍କୁ ଆକ୍ରମଣ ଘଟଣା,୨ ଗିରଫ

ବରୀ,୧୯।୮(ଡି.ଏନ.ଏ.): ବରୀ ରାମଚନ୍ଦ୍ରପୁର ଥାନା ଅଧୀନ କମ୍ପଗଡ଼ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ପରିଚାଳକଙ୍କୁ ଅମଠପୁର ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ଅନ୍ୟ କେତେଜଣ ଆକ୍ରମଣ କରିଥିଲେ। ଏନେଇ ସମ୍ପୃକ୍ତ ବ୍ୟାଙ୍କ ଶାଖା ପରିଚାଳକ ୧୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ବ୍ୟାଙ୍କ ଶାଖା ପରିଚାଳକ ଓ ତାଙ୍କ ସହଯୋଗୀ ମଧ ସରପଞ୍ଚ ଏବଂ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ସରପଞ୍ଚ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ଦୁଇଟି ମାମଲା ରୁଜୁ କରିଥିଲା। ତେବେ ଶାଖା ପରିଚାଳକଙ୍କ ଅଭିଯୋଗ ଅନୁଯାୟୀ ଗୁରୁବାର ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ପ୍ରଦ୍ୟୁମ୍ନ ମଲିକ ଓ ପ୍ରସନ୍ନ ମଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କିନ୍ତୁ ସରପଞ୍ଚଙ୍କ ଅଭିଯୋଗ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ସରପଞ୍ଚଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ପକ୍ଷପାତ କରୁଥିବା ଅଭିଯୋଗ ହୋଇଛି।

### ମହିଳାଙ୍କୁ ଆକ୍ରମଣ, ଅଭିଯୁକ୍ତ କୋର୍ଟଚାଲାଣ

ରସୁଲପୁର,୧୯।୮(ଡି.ଏନ.ଏ.): କୁଆଖିଆ ଥାନା ବଡ଼କଇଞ୍ଚ ପଞ୍ଚାୟତ ନାଉପାଳ ଗ୍ରାମରେ କପଡ଼ା ସିଲାଇକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ସୁମିତ୍ରା ମଲିକ ନାମକ ମହିଳା ଗୁରୁତର ହୋଇଛନ୍ତି। ଏନେଇ ଅଭିଯୋଗ ହେବାପରେ ଗଣ୍ଡଗୋଳ ଘଟାଇଥିବା ଅଭିଯୁକ୍ତ ବ୍ରଜକିଶୋର ମଲିକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ନାଉପାଳ ଗ୍ରାମରେ ବିଳାସିନୀ ମଲିକଙ୍କ ଏକ ସିଲାଇ କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ରକୁ ବ୍ରଜକିଶୋରଙ୍କ ସ୍ତ୍ରୀ କିଛି କପଡ଼ା ସିଲାଇ କରିବାକୁ ଯାଇଥିଲେ। ତେବେ ସିଲାଇ କରିବାକୁ ନେଇ ବିଳାସିନୀ ଓ ଅଭିଯୁକ୍ତ ସ୍ତ୍ରୀଙ୍କ ମଧରେ ବଚସା ହୋଇଥିଲା। ଉକ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବ୍ରଜକିଶୋର ସିଲାଇ କେନ୍ଦ୍ରକୁ ଯାଇ ବିଳାସିନୀଙ୍କୁ ଗାଳିଗୁଲଜ କରିଥିଲେ। ବିଳାସିନୀଙ୍କ ଭାଉଜ ସୁମିତ୍ରା ଏହାର ପ୍ରତିବାଦ କରିଥିଲେ। ତେଣୁ ଅଭିଯୁକ୍ତ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଫଳରେ ସୁମିତ୍ରାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏନେଇ ବିଳାସିନୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ. ୨୭୭/୨୧ ରୁଜୁ କରି ତଦନ୍ତ ଚଳାଇଥିଲା।

### ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ

ରସୁଲପୁର,୧୯।୮(ଡି.ଏନ.ଏ.): ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ଅଧୀନ ନାଳକୂଳ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ଘଟିଛି। ଏନେଇ ଗ୍ରାମର ଦୋଳଗୋବିନ୍ଦ ମଲିକ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଗଣ୍ଡଗୋଳ ଘଟାଇଥିବା ସେହି ଗ୍ରାମର ଅଭିଯୁକ୍ତ ଚଗଲି ମଲିକ ଫେରାର ଥିବା ସୂଚନା ମିଳିଛି। ପ୍ରକାଶ ଯେ, ଦୋଳଗୋବିନ୍ଦଙ୍କ ପରିବାର ସହ ଚଗଲିଙ୍କ ପରିବାର ମଧରେ ପୂର୍ବରୁ ଶତ୍ରୁତା ରହିଛି। ବୁଧବାର ଦୋଳଗୋବିନ୍ଦ ଗାଁ ମୁଣ୍ଡ ପଡ଼ିଆରେ ଗାଈ ଚରାଉଥିବା ସମୟରେ ଚଗଲି ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଏକ ମାରଣାସ୍ତ୍ର ଧରି ଜୀବନରୁ ମାରିବାକୁ ଗୋଡ଼ାଇ ଥିଲେ। ଫଳରେ ଦୋଳଗୋବିନ୍ଦ ଜୀବନ ବଞ୍ଚାଇବାକୁ ଦୌଡ଼ି ପଳାଇଥିଲେ। ପରେ ଏନେଇ ସେ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ. ୪୩୧/୨୧ ରୁଜୁ କରିଛି। ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର ଘଟଣାର ତଦନ୍ତ କରୁଛନ୍ତି।

### ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ

ବରୀ,୧୯।୮(ଡି.ଏନ.ଏ.): ଆଶୀର୍ବାଦ ଯୋଜନାରେ ବରୀ ବ୍ଲକ ଅଞ୍ଚଳରୁ ୧୧୬ ଜଣ ଶିଶୁଙ୍କୁ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ବୁଧବାର ୨୪ଜଣ ଶିଶୁଙ୍କୁ ସରକାରଙ୍କ ଘୋଷଣା ମୁତାବକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେମାନଙ୍କ ଶିକ୍ଷାଦାନଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା କ୍ଷେତ୍ରରେ ଏହି ଅନୁଦାନ ସହାୟକ ହେବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବରୀ ବିଧାୟିକା ସୁନନ୍ଦା ଦାସ ମତ ରଖିଛନ୍ତି। ସ୍ୱାଇଖଣ୍ଡ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଶିବାନନ୍ଦ ସ୍ୱାଇଁ, ସରପଞ୍ଚ କିରଣବାଳା ଜେନା, ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀ, ସରପଞ୍ଚ ଶରତ କୁମାର ଜେନା, ପ୍ରାକ୍ତନ ସରପଞ୍ଚ ବିଜୟ ନାୟକ, ଦେବେନ୍ଦ୍ର ଦାସ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ ଓ ବ୍ଲକ୍ ସଭାପତି କେଦାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନାକୁ ଧସେଇ ପଶିଲେ ମହିଳା, ପୁରୁଷ

ଅଭିଯୁକ୍ତ ବିରୋଧରେ କୋହଳ ଧାରାର ପ୍ରତିବାଦ

■ ନ୍ୟାୟ ଦାବିରେ ମଙ୍ଗଳପୁର ଥାନା ଘେରାଉ

ଝୁମ୍ପୁରୀ,୧୯।୮(ଡି.ଏନ୍.ଏ.)

ସାଧାରଣ ଲୋକଙ୍କ ଧନ, ଜୀବନ ଓ ସମ୍ମାନ ରକ୍ଷା କରିବାରେ ଯାଜପୁର ପୋଲିସ ବିଫଳ ହେଉଛି। ଏନେଇ ପୁଞ୍ଜୀଭୂତ ଅସନ୍ତୋଷର ଉଗ୍ରରୂପ ଗୁରୁବାର ମଙ୍ଗଳପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ନ୍ୟାୟ ପାଇଁ ଥାନା ଆଗରେ ବସିଥିବା ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପୋଲିସର ପାତର ଅନ୍ତର ନୀତି ଯୋଗୁ ଥାନା ଭିତରେ ଧସେଇ ପଶିଥିଲେ। ଏଥିରେ ମଙ୍ଗଳପୁର ଥାନା ପୋଲିସ ଅସହାୟ ହୋଇ ନୀରବଦ୍ରଷ୍ଟା ସାଜିଥିଲା। ସ୍ଥିତିକୁ ସମ୍ଭାଳିବାକୁ ଯାଇ ଥାନା ଭିତରୁ ବାହାରକୁ ଯିବାପାଇଁ ମହିଳାମାନଙ୍କୁ ପୋଲିସ କର୍ମଚାରୀମାନେ ଅନୁରୋଧ କରିଥିଲେ। ଅଭିଯୋଗ ଅନୁଯାୟୀ ମଙ୍ଗଳପୁର ଥାନା ଅନ୍ତର୍ଗତ ତରପଦା ପଞ୍ଚାୟତ ଗୋପକୂଳ ଗ୍ରାମର ଅଜୟ ଜେନା, ଭୀମ ଜେନା ଓ ପ୍ରଶାନ୍ତ ଜେନା ଗତ ୬ ତାରିଖ ସନ୍ଧ୍ୟାରେ ବିଷ୍ଣୁ ଜେନାଙ୍କ ଘରେ ଘରର ୩ ଜଣ ମହିଳାଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ମଙ୍ଗଳପୁର



ଥାନା ଆଗରେ ଅନଶନରତ ମହିଳା ଓ ପୁରୁଷ।

ଥାନାରେ ଆକ୍ରମଣରେ ଶିକାର ହୋଇଥିବା ମହିଳା ମମତା ଜେନା ଲିଖିତ ଅଭିଯୋଗ କରିଥିଲେ। ଥାନାରୁ ଫେରିବାବେଳେ ଅଭିଯୁକ୍ତମାନେ ପୁଣି ମମତାଙ୍କୁ ଦାଣ୍ଡରେ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରୁଥିବା ପରିବାର ଲୋକଙ୍କୁ ମଧ ଆକ୍ରମଣ କରାଯାଇଥିଲେ। ଫଳରେ ୪ ଜଣ ଗୁରୁତର ଭାବେ ଆହତ ହୋଇଥିବାବେଳେ ପ୍ରଥମେ ସେମାନଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ୩୮୫/୨୧ ନମ୍ବରରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ପୋଲିସ ହାଲୁକା ଦଫା ଲଗାଇଥିବାରୁ ଆକ୍ରମଣକାରୀମାନଙ୍କୁ ଦୁଇ ଦିନରେ କୋର୍ଟରୁ ଜାମିନ ମିଳିଯାଇଥିଲା। ଏପଟେ ଆକ୍ରମଣରେ ଶିକାର ହୋଇଥିବା ଦୁଇଜଣ ଏବେବି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତେଣୁ ପୋଲିସ ଜାଣିଶୁଣି କୋହଳ ଦଫା ଲଗାଇ ଆକ୍ରମଣକାରୀମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରି ସେହି ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଥାନା ଘେରାଉ କରି ଅନଶନ କରିଥିଲେ। ଆଇଆଇସି ଇନାମୁଲ ହକ୍‌ଙ୍କୁ ଏସମ୍ପର୍କରେ ପଚାରିବାରୁ, ଘଟଣା ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସଫେଇ ଦେଇଥିଲେ। ପରେ ଘଟଣା ସମ୍ପର୍କରେ ଖବର ପାଇ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ପହଞ୍ଚି ଆନ୍ଦୋଳନକାରୀ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବାପରେ ମହିଳାମାନେ ଅନଶନରୁ ଓହରିଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଦଶରଥପୁର,୧୯।୮(ଡି.ଏନ.ଏ.)

ବେକରେ ଓଢ଼ଣି ବାନ୍ଧି ଗୁରବାର ସନ୍ଧ୍ୟାରେ ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସେ ହେଲେ ମଙ୍ଗଳପୁର ଥାନା ପାଲଟପୁର ପଞ୍ଚାୟତ କଣ୍ଟିବାଙ୍କ ଗ୍ରାମର ସ୍ୱର୍ଗତ ଅନନ୍ତ ବେହେରାଙ୍କ ଝିଅ ଚିନ୍ମୟୀ ବେହେରା(୨୨)। ସନ୍ଧ୍ୟା ୫ଟାରେ ଚିନ୍ମୟୀ ଘର ଭିତରେ ଝୁଲୁଥିଲେ। ତାଙ୍କ ପରିବାରର ଏକ ଛୋଟପିଲା ଏହାଦେଖି ଅନ୍ୟମାନଙ୍କୁ ଡାକପକାଇଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଚିନ୍ମୟୀଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିନ୍ମୟୀଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାବେଳେ କିଛି ବର୍ଷତଳେ ତାଙ୍କର ଏକ ଭଉଣୀ ଅନାହାରରେ ମୃତ୍ୟୁ ବରଣ କରିଥିଲେ। ତେବେ ଚିନ୍ମୟୀ କ'ଣ ପାଇଁ ଆତ୍ମହତ୍ୟା କରିଛନ୍ତି ଏହାର କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଘଟଣାର ପୋଲିସ ତଦନ୍ତହେଲେ ଏହା ସ୍ପଷ୍ଟ ହୋଇ ପାରିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ପ୍ରମାଣ ଲୁଚାଇବାକୁ ସୁଯୋଗ

ଜାଲ୍ ଟୋକନରେ ଧାନ କିଣା ଅଭିଯୋଗ ମାମଲା

■ ସମବାୟ ସମିତିର ଅଜବ ନୀତି

■ ନିର୍ଦ୍ଦେଶର ୩ ମାସ ପରେ ହେବ ତଦନ୍ତ

ଯାଜପୁର ଅଫିସ,୧୯।୮

ଯାଜପୁର ଜିଲାରେ ଧାନ କିଣାରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯାଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ ବଡଚଣା ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ)ରେ ଜଳଜଳ ହୋଇ ଦିଶୁଛି। ଚାଷୀମାନଙ୍କ ଅଭିଯୋଗର ୪ ମାସ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦନ୍ତ ନିର୍ଦ୍ଦେଶର ୩ ମାସ ପରେ ସମବାୟ ସମିତି (କ୍ରେଡିଟ୍)ର ଡେପୁଟି ରେଜିଷ୍ଟ୍ରାର (ଡିଆର୍‌ସିଏସ୍) ତଦନ୍ତ ତାରିଖ ନିର୍ଦ୍ଧାରଣ କରିଛନ୍ତି। ଏହିକ୍ରମରେ ଡେପୁଟି ରେଜିଷ୍ଟ୍ରାର ଆସନ୍ତା ୪।୯।୨୦୨୧ ଅପରାହ୍ନ ସାଢେ ୩ଟାରେ ଡିଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ସହ ବଡ଼ଚଣା ସମ୍ପାଦକଙ୍କୁ ଉପସ୍ଥିତ ରହିବାକୁ ନୋଟିସ ଜାରି କରିଛନ୍ତି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଘୁଆ ଗ୍ରାମର ଚାଷୀ ଉଦୟନାଥ ରାଉତ, ଭ୍ରମରବର ରାଉତ, ଧ୍ରୁବାନନ୍ଦ ରାଉତ ପ୍ରମୁଖ ୧୫ ଜଣ ଚାଷୀ ୫।୪।୨୦୨୧ରେ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକଙ୍କ ନିକଟରେ ଜାଲ ଟୋକନ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ପୈତୃକ ଚାଷଜମିକୁ ଜାଲିଆତି କରି କେତେଜଣ ଲୋକଙ୍କ ନାମରେ ଧାନ କିଣାଯାଇଛି। ସମିତିରୁ ଟୋକନ ପାଇ ଧାନ ବିକ୍ରି କରିଥିବା ବ୍ୟକ୍ତିମାନେ ଜମି ମାଲିକମାନଙ୍କ ନାତି, ପୁତୁରା ଆଦି ସମ୍ପର୍କ ଥିବା ଦର୍ଶାଯାଇଛି। ତେବେ ବାସ୍ତବରେ ବେପାରୀମାନଙ୍କ ଠାରୁ ଲକ୍ଷାଧିକ ଟଙ୍କାର ଧାନ କିଣାଯାଇଛି। ଏହି ଅଭିଯୋଗ ମିଳିବା ପରେ ରାଜ୍ୟ ସମବାୟ ସମିତି (କ୍ରେଡିଟ୍)ର ଉପନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୮୨୯୯/୨୦।୫।୨୦୨୧ରେ ଯାଜପୁର ଏଆରସିଏସ୍‌ଙ୍କୁ ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ନ ହେବାରୁ ପ୍ରାୟ ୨ ମାସ ପରେ ଉପନିବନ୍ଧକ ପୁଣି ତାଙ୍କ ପତ୍ରସଂଖ୍ୟା ୧୦୦୭୯/୧୩।୭।୨୦୨୧ରେ ଉଦ୍‌ବେଗ ପ୍ରକାଶ କରି ତଦନ୍ତ ରିପୋର୍ଟ କାହିଁକି ଦାଖଲ ହେଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଅନୁରୂପ ଭାବେ ଚାଷୀ ଚିନ୍ତାମଣି ଜେନା ଏବଂ ଅନ୍ୟ ୧୦ ଜଣ ଚାଷୀ ୩୦।୪।୨୦୨୧ରେ ଉପରୋକ୍ତ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ସମବାୟ ସମିତିର ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୯୫୬୬/୩୦।୬।୨୦୨୧ରେ ଡିଆରସିଏସ୍ କୁଳମଣି ପାଢୀଙ୍କୁ ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ତଦନ୍ତ ନିର୍ଦ୍ଦେଶ ଏଠାରେ କାହିଁକି କାର୍ଯ୍ୟକାରୀ ହେଉନାହିଁ ସେ ନେଇ ଚାଷୀ ମହଲ ନାନା ସନ୍ଦେହ କରୁଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ସେବା ସମବାୟ ସମିତି କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇତିମଧ୍ୟରେ ଅଭିଯୁକ୍ତଙ୍କୁ ପ୍ରମାଣ ନଷ୍ଟ କରିବାକୁ ସୁଯୋଗ ଦିଆଯାଉଛି ବୋଲି ଚାଷୀ ମହଲରେ ଅଭିଯୋଗ ହେଉଛି।

## ଦିନରେ ଦୁଲୁକିଲା ଯାତ୍ରା ମଞ୍ଚ


ଯାତ୍ରା ପରିବେଷଣ କରାଯାଉଛି।

ଛତିଆ,୧୯।୮(ଡି.ଏନ.ଏ.)

କରୋନା କଟକଣା ଯୋଗୁ କିଛିଦିନ ହେବ ଯାତ୍ରା ମଞ୍ଚ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ କଳାକାରଙ୍କଠାରୁ ଆରମ୍ଭ କରି ଯାତ୍ରା ପ୍ରେମୀ ଯାତ୍ରା ମଞ୍ଚରୁ ଦୂରେଇ ରହିଥିଲେ। ତେବେ ସରକାର ଅଗଷ୍ଟରେ ନୂତନ ଗାଇଡ୍ ଲାଇନ୍ ଜାରି କରିବା ପରେ ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ଯାତ୍ରା ପରିବେଷଣ ଆରମ୍ଭ ହୋଇଛି। ତେବେ ରାତ୍ରିକାଳୀନ କର୍ଫ୍ୟୁ ଯାତ୍ରା ପରିବେଷଣରେ ଅଡୁଆ ସୃଷ୍ଟି କରୁଛି। ତଥାପି ଯାଜପୁର ଜିଲା ଛତିଆସ୍ଥିତ ଅମରାବତୀ ଯାତ୍ରା ମଞ୍ଚରେ ଦିନରେ ଯାତ୍ରା ପରିବେଷଣ କରାଯାଉଛି। ଏଠାରେ ଯାତ୍ରା ରଙ୍ଗ ମହଲ ପକ୍ଷରୁ ଅପରାହ୍ନ ୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଯାତ୍ରା ପରିବେଷଣ ଆରମ୍ଭ ହୋଇଛି। ୧୮ ତାରିଖରୁ ଏହା ଆରମ୍ଭ ହୋଇଛି। ୨୩ ତାରିଖ ପର୍ଯ୍ୟନ୍ତ ଏହି ମଞ୍ଚରେ ଯାତ୍ରା ପରିବେଷଣ କରାଯିବ। ତେବେ ଦିନରେ ଯାତ୍ରା ପରିବେଷଣ ହେଉଥିଲେ ମଧ ଦର୍ଶକ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ପୂର୍ବରୁ ଅନ୍ଧାର ରାତିରେ ରଙ୍ଗିନ ଆଲୋକରେ କଳାକାର ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଥିଲେ। ମହାମାରୀ ଯୋଗୁ ପ୍ରଥମ ଥର ଓଡ଼ିଶାରେ ଦିନରେ ଯାତ୍ରା ପରିବେଷଣ କରାଯାଉଛି। ହେଲେ ପୂର୍ବପରି ଦର୍ଶକଙ୍କ ଭଲ ପାଇବା ରହିଛି। ଅନେକ ଦିନ ହେବ ମଞ୍ଚରୁ କଳାକାର ଦୂରେଇ ରହି ଅନେକ କଷ୍ଟ ଓ ଯନ୍ତ୍ରଣା ପାଇଥିଲେ। କିନ୍ତୁ ଏବେ ଦର୍ଶକଙ୍କ କର ତାଳି ଭିନ୍ନ ଉତ୍ସାହ ଭରି ଦେଉଛି ବୋଲି ଯାତ୍ରା ଜଗତର ସୁନାମ ଧନ୍ୟ କଳାକାର ସୁବାସ ବେହେରା କହିଛନ୍ତି।

# ଜମି ବିବାଦରୁ ମହିଳାଙ୍କୁ ଆକ୍ରମଣ, ଘର ଭଙ୍ଗାରୁଜା

ଦଶରଥପୁର,୧୯।୮(ଡି.ଏନ.ଏ.)

ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଦୁଦୁରାଅନ୍ତା ପଞ୍ଚାୟତ ଆଖୁଆସାହି ଗ୍ରାମର ଦୁଇ ପକ୍ଷଙ୍କ ମଧରେ ଜମିଜମାକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଛି। ଗୋଟିଏ ପକ୍ଷ ଆକ୍ରମଣରେ ଅନ୍ୟପକ୍ଷର ଜଣେ ମହିଳା ଆହତ ହୋଇଥିବାବେଳେ ତାଙ୍କ ବାସଗୃହକୁ ଭାଙ୍ଗି ଦେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଆଖୁଆ ସାହିର ଗୁରୁଚରଣ ଯେନାଙ୍କ ସ୍ତ୍ରୀ ଲୋଚନୀ ଯେନା ଓ ଅନ୍ୟପକ୍ଷ ରଞ୍ଜନ ବାରିକ, ଅରବିନ୍ଦ ରାଉତ, ମାନସ ସାହୁ, ମଣିଭଦ୍ର ସାହୁ ପ୍ରମୁଖଙ୍କ ମଧରେ ଗ୍ରାମରେ ଥିବା ଏକ ଜମିକୁ ନେଇ ବିବାଦ ଥିଲା। ଗୁରୁବାର ସକାଳ ୮ ଟାରେ ଲୋଚନୀଙ୍କ ଘରେ କେହି


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ପୁରୁଷ ବ୍ୟକ୍ତି ନ ଥିବା ସମୟରେ ବିପକ୍ଷ ତାଙ୍କ ଘରକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଘରେ ଥିବା ଆସବାବପତ୍ର ଗୁଡିକୁ ଭଙ୍ଗାରୁଜା କରିଥିଲେ। ବାସଗୃହକୁ ଭାଙ୍ଗୁଥିବା ଦେଖି ଲୋଚନୀ ପ୍ରତିବାଦ କରିଥିଲେ। ହେଲେ ସେମାନେ କିଛି ଶୁଣି ନ ଥିଲେ। ଏପରି କି ତାଙ୍କୁ ମାଡ଼ ମାରିବା ସହିତ ପାଟି ଖୋଲିଲେ ତାଙ୍କ ସ୍ୱାମୀ ଓ ପୁଅମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ଭୟଭିତ ହୋଇ ଲୋଚନୀ ଓ ତାଙ୍କ ପରିବାରର ଅନ୍ୟ ମହିଳା ସଦସ୍ୟା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ସହିତ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଖରସ୍ରୋତାରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ସିଂହପୁର,୧୯।୮(ଡି.ଏନ.ଏ.)

ସିଂହପୁର ନିକଟବର୍ତ୍ତୀ ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବଟକୃଷ୍ଣ ମିଶ୍ରଙ୍କ ସ୍ତ୍ରୀ ମୋତିଲତା ମିଶ୍ର (୬୮)ଙ୍କ ଖରୋସ୍ରୋତା ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ଭୋରୁ ନଦୀକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀ ସ୍ରୋତରେ ଭାସି ଯାଇଥିଲେ। କିଛି ସମୟପରେ ଜରିର ମଧୁବନ ଘାଟରେ ତାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଜରି ଫାଣ୍ଡି ଅଧିକାରୀ ଅଶୋକ ସ୍ୱାଇଁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୩୩।୨୧ ରୁଜୁ ହୋଇଛି।

## ସୁନ୍ଦରିଆ ବଟ ମନ୍ଦିରରୁ ଚୋରି

ଧର୍ମଶାଳା,୧୯।୮(ଡି.ଏନ.ଏ.)

ଧର୍ମଶାଳା ଥାନା ସୁନ୍ଦୁରିଆ ଗ୍ରାମ ପଞ୍ଚାୟତର ସୁନ୍ଦୁରିଆ ଗ୍ରାମରେ ଥିବା ଶ୍ରୀଶ୍ରୀ ଅନନ୍ତ ମହିମା ଗାଦି ଠେଙ୍ଗିଆ ବଟ ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସକାଳୁ ବ୍ରାହ୍ମଣ ପୂଜା କରିବାକୁ ଆସିଥିବା ବେଳେ ମନ୍ଦିର ଗେଟ ଖୋଲାଥିବା ଦେଖିଥିଲେ। ଦୁର୍ବୃତ୍ତ ମନ୍ଦିର ଗେଟ ଭାଙ୍ଗି କୃଷ୍ଣଙ୍କ ରୁପାର ବଁଶୀ, ରାଧାଙ୍କ ରୁପା କାନଫୁଲ, ୩ଟି ରୁପା ମୁକୁଟ, ଠାକୁରାଣୀଙ୍କ ରୁପାହାର, ୩ଟି ରୁପା ଗ୍ଲାସ ଓ ୩ଟି ପିତଳ ଘଣ୍ଟି ଚୋରି କରିନେଇଥିବା ଜଣାପଡ଼ିଥିଲା। ମନ୍ଦିରଠାରୁ କିଛି ଦୂର ପଞ୍ଚାୟତ ଅଫିସ ନିକଟରେ ଥିବା ଠାକୁରଙ୍କ ହୁଣ୍ଡି ବାକ୍ସ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ୭ ବାଇକ୍, ୩୫ ସାଇକେଲ ଜବତ: ଦୁଇ ଗିରଫ

କଳିଙ୍ଗନଗର,୧୯।୮(ଡି.ଏନ.ଏ.)

କଳିଙ୍ଗନଗର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୫ ସାଇକେଲ ଓ ୭ ଚୋରି ବାଇକ୍ ଜବତ କରିଛି। ଏଥିସହିତ ଏହି ଚୋରା କାରବାରରେ ସମ୍ପୃକ୍ତ ଦୁଇ ଜଣଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ରୋଡ ଥାନା ରାଛିପୁର ଗାଁର ସୁରେନ୍ଦ୍ର ଓଝା ଆଲିଆସ (ଟିମା) ଓ ଆଶିଷ ନାଥ ଆଲିଆସ (ବାଙ୍କୁ)। ଏନେଇ ଥାନାରେ ଏକ ମାମଲା ନଂ. ୧୯୧।୨୧ ରୁଜୁ ହୋଇଛି।

ସୂଚନା ମୁତାବକ, ଗତ ୧୪ ତାରିଖରେ ଘଷିପୁରା ଥାନା ଅତାସାହିର ପବିତ୍ର କୁମାର ସାହୁଙ୍କ ଏକ ବାଇକ୍ ଟାଟା କାରଖାନା ଫାଟକ ନିକଟରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ଗାଡି ପାଇ ପାରି ନ ଥିଲା। ତେବେ ଦୁଇଦିନ ତଳେ ପୋଲିସ ଦୁବୁରୀ ଛକରେ ଗାଡ଼ି ଚେକିଂ କରୁଥିବାବେଳେ ବାଇକ୍ ଜବତ କରିବା ସହ ସହ ମୁଖ୍ୟ ଅଭିଯୁକ୍ତ ଟିମାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଟିମାଙ୍କଠାରୁ ସୂଚନା ପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାଇକେଲ ଓ ଅନ୍ୟ ୬ ଟି ବାଇକ୍ ଜବତ କରିଥିଲା। ଏହି ଚୋରା କାରବାରରେ ସହଯୋଗ କରୁଥିବା ବାଙ୍କୁଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ତେବେ ଦୀର୍ଘ ଦିନ ହେବ ସେମାନେ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ଯାଜପୁରରୋଡ ଅଞ୍ଚଳରୁ ସାଇକେଲ ଓ ବାଇକ୍ ଚୋରି କରି ବିକ୍ରି ପାଇଁ ରଖିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍, ସାଇକେଲ।

# ଆନ୍ଦୋଳନରୁ ଓହରିଲା ଟ୍ରକ୍ ମାଲିକ ସଂଘ

■ ପରିବହନ ଭଡ଼ା ପ୍ରଦାନ ବିବାଦ

■ ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘର ଅସହମତି

କାଳିଆପାଣି,୧୯।୮(ଡି.ଏନ.ଏ.)

କ୍ରୋମାଇଟ୍ ପରିବହନକୁ ନେଇ ସୁକିନ୍ଦା ଖଣି ଅଞ୍ଚଳ ଏବେ ଅଶାନ୍ତ ହୋଇପଡ଼ିଛି। ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା, ତେଲ ଦର ଅହେତୁକ ବୃଦ୍ଧି ଓ ଧାର୍ଯ୍ୟ ଭଡ଼ା ମିଳିବାରେ ବିଳମ୍ବ ସହ ଭଡ଼ା ପ୍ରଦାନରେ ପାତର ଅନ୍ତର ଯୋଗୁ ଟ୍ରକ୍ ମାଲିକମାନେ କ୍ଷତିର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ଯାଜପୁର, ଚଣ୍ଡିଖୋଲ, ଡୁବୁରି, ସୁକିନ୍ଦା ଓ କାଳିଆପାଣି ଟ୍ରକ୍ ମାଲିକ ମିଳିତ ହୋଇ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ନେତୃତ୍ୱରେ ୧୮ତାରିଖଠାରୁ ଆନ୍ଦୋଳନ ଡାକରା ଦେଇଥିଲେ।

ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ଓ ଖଣି ଅଞ୍ଚଳର କୁହିକା ଟ୍ରକ୍ ମାଲିକ ସଂଘ ମଧରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିବାବେଳେ ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘ ଡାକରାରେ ଦୁଇ ଦିନ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ, ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

ପରିବହନ ଠପ ହୋଇଛି। ବୁଧବାର ଏହାର ସମାଧାନର ବାଟ ବାହାର କରିବାକୁ ପ୍ରଶାସନ ପ୍ରୟାସ କରିଥିଲେ ମଧ ସୁଫଳ ମିଳି ନ ଥିଲା। ଗୁରୁବାର ଜିଲା ପ୍ରଶାସନ ମଧ୍ୟସ୍ଥିରେ ପରିବହନ ଠିକାଦାର ଓ ମିନେରାଲ ଟ୍ରକ୍ ମାଲିକଙ୍କ ମଧ ରିସ୍କୋସ୍ଥିତ କାଟେପୂର୍ତ୍ତି ଅଡିଟୋରିୟମଠାରେ ବୈଠକ ଅନୁଷ୍ଠିତ ହୋଇ ସମାଧାନର ବାଟ ଫିଟିଥିବା ଜଣାପଡ଼ିଛି। ଗାଡ଼ି ମାଲିକଙ୍କୁ ଧାର୍ଯ୍ୟ ଭଡ଼ା ପ୍ରଦାନ, ଚାଲାଣରେ ଭଡ଼ାର ବିସ୍ତୃତ ବିବରଣୀ ଉଲ୍ଲେଖ କରିବା ଆଦି ଦାବିକୁ ପରିବହନ ଠିକାଦାରମାନେ ସମ୍ମତି ପ୍ରକାଶ କରି ପ୍ରଶାସନ ନିକଟରେ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି ମିନେରାଲ ଟ୍ରକ୍ ମାଲିକ ସଂଘ ସଭାପତି ବିଦ୍ୟାଧର ପାତ୍ର ପ୍ରକାଶ କରିଛନ୍ତି। ଏହି ବୈଠକକୁ ଖଣି ଅଞ୍ଚଳର କୁହିକା ଟ୍ରକ୍ ମାଲିକ ସଂଘକୁ ଡକା ଯାଇନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ ସଭାପତି ବିଶ୍ୱଜିତ ରାଜ କହିଛନ୍ତି, ନିର୍ଦ୍ଧାରିତ ଭଡ଼ା ପ୍ରଦାନ ଘୋଷଣା ହେଉନାହିଁ। ହେଲେ ପ୍ରଶାସନ ଏକ ପାଖିଆ ନିଷ୍ପତ୍ତି ନେଉଛି, ଯଦ୍ଦ୍ୱାରା ଟ୍ରକ୍ ମାଲିକ ପୂର୍ବପରି କ୍ଷତି ସହିବେ। ଆମେ ସରକାର ନିର୍ଦ୍ଧାରିତ ଭଡ଼ା ଦାବି କରୁଛୁ। ତାହା ନ ମିଳିଲେ ଆଗାମୀ ଦିନରେ ଘୋର ବିରୋଧ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଭାରପ୍ରାପ୍ତ ଅତିରିକ୍ତ ଏସ୍‌ପି ବି.ବି. ବେହେରା, ଖଣି ଉପନିର୍ଦ୍ଦେଶକଙ୍କ ପ୍ରତିନିଧି ପ୍ରିୟଦର୍ଶୀ ସନ୍ଦୀପ ବଳ, ଥାନା ଅଧିକାରୀ ରମାକାନ୍ତ ମୁଦୁଲି, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଧୀର, ମିନେରାଲ ଟ୍ରକ୍ ମାଲିକ ସଂଘ ଉପଦେଷ୍ଟା ବିଶ୍ୱଜିତ ଦାଶ, ଯାଜପୁର ରୋଡ୍, ଚଣ୍ଡିଖୋଲ, ସୁକିନ୍ଦା ଓ କାଳିଆପାଣି ଟ୍ରକ ମାଲିକ ସଂଘର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟିକା ନେବା ପରେ ହୃଦଘାତରେ ବୃଦ୍ଧଙ୍କ ମୃତ୍ୟୁ

ଆସିକା,୧୯।୮(ଡି.ଏନ.ଏ.): ଗଞ୍ଜାମ ଜିଲା ଆସିକା ଉପକଣ୍ଠ ଡାକ୍ତରଖାନାରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଦ୍ୱିତୀୟ ଡୋଜ୍ କୋଭିଡ୍ ଟିକା ନେବା ପରେ ଜଣେ ବୃଦ୍ଧ ଆଖି ବୁଜିଛନ୍ତି। ତାଙ୍କ ଘର ଆସିକା ଥାନା ଅନ୍ତର୍ଗତ ମାଗୁରା ଗ୍ରାମରେ। ବୟସ ୮୦ରୁ ଉର୍ଦ୍ଧ୍ୱ ହେବ। ବୃଦ୍ଧ ଜଣକ ଟିକା ନେବା ପରେ ବିଶ୍ରାମକକ୍ଷରେ ସେ ପ୍ରାୟ ଅଧଘଣ୍ଟା ବସିବା ପରେ ହଠାତ ଟଳି ପଡ଼ିଥିଲେ। ଏ ସମ୍ପର୍କରେ ଡାକ୍ତରଖାନାର ଚିକିତ୍ସାଧିକାରୀ ଦୀପକ ସାମନ୍ତରାୟଙ୍କୁ ପଚାରିବାରେ ସଂପୃକ୍ତ ବ୍ୟକ୍ତିଙ୍କ ହୃଦଘାତରେ ମୃତ୍ୟୁ ଘଟିଥିବା ସୂଚନା ଦେଇଛନ୍ତି।

### ବୁଲିଲା କରୋନା ଟିକା ସଚେତନତା ରଥ

ଆର.ଉଦୟଗିରି,୧୯।୮(ଡି.ଏନ.ଏ.):ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ବ୍ରହ୍ମପୁର ତରଫରୁ ମୋହନା ମେଡିକାଲ ପରିସରରୁ ବୁଧବାର ଭ୍ରାମ୍ୟମାଣ କରୋନା ଟିକା ସଚେତନତା ରଥ ପରିକ୍ରମା ଆରମ୍ଭ କରାଯାଇଛି। ଏହା ୫ ଦିନ ଧରି ଗଜପତି ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବ। ରଥକୁ ବିଡିଓ ସାର୍ଥକ ସୌରଭ ମହାପାତ୍ର ଓ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ନମିତା ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢୀ ଉପସ୍ଥିତ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ଗଣମାଧମ ପ୍ରତିନିଧିଙ୍କୁ ରଥ ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରଥମ ଦିନରେ ଗରଡମା, କାଟାମା, ପାଣିଗଣ୍ଡା, ଆଲିଗଣ୍ଡା ଓ ଦମାଦୁଆ ଭଳି ଗ୍ରାମରେ ପହଞ୍ଚି ଲୋକଙ୍କୁ କରୋନା ଟିକାର ଉପକାରିତା ସମ୍ପର୍କରେ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଭିକାରି ଚରଣ ବେହେରା, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ବିଭୁ ପ୍ରସାଦ କର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ଷେତ୍ର ପ୍ରଚାର ସହାୟକ ଭିଏଭ ଫିନିକ୍ସୁର ଏବଂ କର୍ମଚାରୀ ପ୍ରମୋଦ କୁମାର ସାବତ ପ୍ରମୁଖ ପରିଚାଳନା କରିଥିଲେ।

### ପିଇଓଙ୍କ ସପକ୍ଷରେ ବାହାରିଲେ ଗ୍ରାମବାସୀ ଲାଞ୍ଚ ନେଇ ଗିରଫ ଘଟଣା

ଦାରିଙ୍ଗବାଡ଼ି,୧୯।୮(ଡି.ଏନ.ଏ): ଦାରିଙ୍ଗବାଡ଼ି ବ୍ଲକ ସରାମୁଳି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଟାଇଟସ ନାୟକ ମଙ୍ଗଳବାର ତଡ଼କାବାଲି ଗ୍ରାମର ଧର୍ମେନ୍ଦ୍ର ମାଝିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ଆବାସ ଯୋଜନା ହିତାଧିକାରୀ ତାଲିକାରେ ନାମ ସଂଯୋଗ ପାଇଁ ସେ ଲାଞ୍ଚ ମାଗିଥିବା ଧର୍ମେନ୍ଦ୍ର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ତେବେ ପିଇଓଙ୍କୁ ପୂର୍ବ ଶତ୍ରୁତାରୁ ଯୋଜନା ମୁତାବକ ଫସାଇ ଦିଆଯାଇଛି ବୋଲି ସରାମୁଳି ସରପଞ୍ଚ ଚନ୍ଦ୍ରଶେଖର ମୁଠାମାଝିଙ୍କ ସମେତ ବହୁ ଗ୍ରାମବାସୀ ବିଡିଓ କଳାକୃଷ୍ଣ ପ୍ରଧାନଙ୍କୁ ବୁଧବାର ଲିଖିତ ଭାବେ ଜଣାଇଛନ୍ତି। ସରାମୁଳିରୁ ପ୍ରାୟ ୬୦ କି.ମି ଦୂରରୁ ଏମାନେ ଦାରିଙ୍ଗବାଡ଼ି ଆସି ଏହି ଅଭିଯୋଗ କରିଛନ୍ତି। ବିଡିଓ ଏହା ଜିଲା ପ୍ରଶାସନଙ୍କୁ ପଠାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଲାଞ୍ଚ ଅଭିଯୋଗକାରୀ ଧର୍ମେନ୍ଦ୍ରଙ୍କ ବାପା ସାନ୍ଦେ ମାଝି ଏବଂ ମା' ମଧ ବିଡିଓଙ୍କୁ ଭେଟି ଏକ ଅଭିଯୋଗପତ୍ର ଦେଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ତାଙ୍କ ପୁଅ କରିଥିବା ଅଭିଯୋଗ ଭିତ୍ତିହୀନ। ପୁଅକୁ ଜଣେ ସରକାରୀ ଠିକା କର୍ମଚାରୀ ବତାଇଶିଖାଇ ପିଇଓଙ୍କୁ ଫସାଇ ଦେଇଥିବା ସାନ୍ଦେ କହିଛନ୍ତି। ସେ ଏନେଇ ଭିଜିଲାନ୍ସ କାର୍ଯ୍ୟାଳୟ ଏବଂ ଜିଲା ପ୍ରଶାସନକୁ ମଧ ଜଣାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ କନ୍ଧମାଳ ଭିଜିଲାନ୍ସ ଡିଏସପି ଅରୁଣ ନାୟକଙ୍କୁ ଯୋଗାଯୋଗ କରିବାରେ ଆବାସ ଯୋଜନାରେ ପିଇଓ ଲାଞ୍ଚ ମାଗିଥିବା ଅଭିଯୋଗ ଆସିଥିଲା। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ.୧୩/୨୧)ରୁଜୁ କରାଯାଇଛି। ପିଇଓଙ୍କ ଠାରୁ ୧୦ ହଜାର ଜବତ ସହ ତାଙ୍କୁ ଗିରଫ କରାଯାଇଛି। ଅଭିଯୋଗକାରୀଙ୍କ ବାପା ଯାହା କହିବାର କୋର୍ଟରେ ଜଣାଇପାରିବେ ବୋଲି କହିଛନ୍ତି।

### ହାଇସ୍କୁଲ ପରିସରରୁ ପାଣି ମୋଟର ଚୋରି

ହିଞ୍ଜିଳିକାଟୁ,୧୯।୮(ଡି.ଏନ.ଏ.): ହିଞ୍ଜିଳି ଥାନା ବୁରୁପୋଡା ଭଗବତୀ ବିଦ୍ୟାପୀଠ ପରିସରରୁ କେହି ଦୁର୍ବୃତ୍ତ ପାଣି ମୋଟର ଚୋରାଇ ନେଇଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ନିକୁଞ୍ଜ ପ୍ରଧାନ ଗୁରୁବାର ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ଆସନ୍ତା ୨୩ ତାରିଖରେ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ସ୍ମାର୍ଟ ଶ୍ରେଣୀ ଗୃହ ଉଦଘାଟନ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସ୍କୁଲରେ ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରମିକମାନେ କାମ କରୁଥିଲେ। ବିଦ୍ୟାଳୟ ରାତ୍ର ଜଗୁଆଳିଙ୍କୁ ବାହାରପଟୁ ବନ୍ଦ କରି ଦୁର୍ବୃତ୍ତ ପାଣିପମ୍ପ ନେଇଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ରାତି ଜଗୁଆଳି ଡାକ ପକାଇବାରୁ ଶ୍ରମିକମାନେ ଆସି କବାଟ ଖୋଲିଥିଲେ।

# ନକଲି ବିଦେଶୀ ମଦ କାରଖାନା ଠାବ, ୮ ଗିରଫ

ଆସିକା,୧୯।୮(ଡି.ଏନ.ଏ.)

ଆସିକା ପୋଲିସ ପକ୍ଷରୁ ଗୁରୁବାର ବ୍ରହ୍ମପୁର କମଳାବାରି ସାହିଠାରେ ଚାଲିଥିବା ଏକ ନକଲି ବିଦେଶୀ ମଦ କାରଖାନା ଉପରେ ଚଢାଉ କରାଯାଇଥିଲା। ସେଠାରୁ ବିଭିନ୍ନ ନାମିଦାମୀ ବ୍ରାଣ୍ଡର ପ୍ୟାକିଂଥିବା ବହୁ ପରିମାଣର ମଦ ବୋତଲ, ଲେବୁଲ, ରାସାୟନକିକ ଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ ଜଣ ଫେରାର୍ ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ସାଗୁଣା ସାହିର ସାଗର ଆଚାରୀ, ଆସିକା ଥାନା କାଳକଣ୍ଠପୁର ଗ୍ରାମର ରାଜେଶ କୁମାର ଜେନା, ଖାରିଆ ଗ୍ରାମର ଦେବାଶିଷ ଜେନା, ଶୁଭଙ୍କର ପାତ୍ର, ମନୋଜ ଜେନା, ରଘୁନାଥନଗରର ସମୀର କୁମାର



ଜବତ ନକଲି ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଓ ଗିରଫ ଅଭିଯୁକ୍ତମାନେ।

ପ୍ରଧାନ, ଗାଙ୍ଗପୁର ଥାନା ଝାଡବନ୍ଧ ଗ୍ରାମର ଭାଗିରଥୀ ମହାନ୍ତି, ବଡଗଡ ଥାନା ରୁଗୁମୁ ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ। ଏ ନେଇ ଆସିକା ଥାନାରେ ନଂ.୫୧୬/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗୁରୁବାର

**ବିପୁଳ ସାମଗ୍ରୀ ଜବତ**

ଆସିକା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡିପିଓ ଉମାଶଙ୍କର ସିଂ ଓ ଗତ କିଛି ଦିନ ହେଲା ଆସିକା ସହରର କେତେକ ପାନ ଦୋକାନରେ ପୋଲିସ ନକଲି ବିଦେଶୀ ମଦ ବିକ୍ରି ଧରପଗଡ କରିଥିଲା। ଏହି ମଦ ବ୍ରହ୍ମପୁରରେ ପ୍ରସ୍ତୁତ ହୋଇ ଏଠାକୁ ଆସୁଥିବା ସୂଚନା ମିଳିଥିଲା। ତେଣୁ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଗଞ୍ଜାମ ଏସପି ବ୍ରିଜେଶ ରଏଙ୍କ ନିର୍ଦ୍ଦେଶମତେ ଏସଡିପିଓ ସିଂଙ୍କ ନେତୃତ୍ୱରେ ଗଠିତ ପୋଲିସର ଏକ ସ୍ୱତନ୍ତ୍ର ଟିମ ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଛି।



ବିଶ୍ୱ ଫଟୋଗ୍ରାଫି ଦିବସରେ ଗୁରୁବାର ନୟାଗଡ଼ ଜିଲାର ଫଟୋଗ୍ରାଫରମାନଙ୍କ ଦ୍ୱାରା ବନ୍ଧୁ ମିଳନ।

### ବିହାରକୁ ଗଞ୍ଜେଇ ଚାଲାଣ, ୨ ଗିରଫ

ପାରଳାଖେମୁଣ୍ଡି,୧୯।୮(ଡି.ଏନ.ଏ)

ଗଜପତି ଜିଲାରୁ ବିହାରକୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ୨ ଜଣଙ୍କୁ ମୋହନା ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୧୨୪ କେଜି ୮୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଥାନା ଅଧିକାରୀ ସୁଜିତ କୁମାର ନାୟକ କହିଛନ୍ତି, ମୋହନା ଥାନା ଅନ୍ତର୍ଗତ କଟାମା ଗ୍ରାମରୁ ବିହାରକୁ ବୁଧବାର ଗଞ୍ଜେଇ ଚାଲାଣ ହେଉଥିଲା। ଥାନା ଏସଆଇ ସୁନୀଲ ଦଳେଇ କମଳାପୁର ନାକାଗେଟଠାରେ ସନ୍ଦେହରେ ଭ୍ୟାନକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଅରୁଣ କୁମାର ଯାଦବ ଓ ସନଜ କୁମାର ଚେରୁଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତ ଜଣକ ନାବାଳକ। ନଂ.୧୫୮/୨୧ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ପାରଳାଖେମୁଣ୍ଡି କୋର୍ଟକୁ ଚାଲାଣ କରାଯାଇଛି।

### ପୋର୍ଟ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

ଛତ୍ରପୁର,୧୯।୮(ଡି.ଏନ.ଏ)

ଗୋପାଳପୁର ବନ୍ଦରର ୩ ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ୭ ଦିନ ଧରି ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିଲା। ଜିଲା ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ବୈଠକରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଗୁରୁବାର ଶ୍ରମିକ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ପୋର୍ଟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଦାବି ପୂରଣ ନେଇ ପଦକ୍ଷେପ ନେଇଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଏସପି ବ୍ରିଜେଶ କୁମାର ରଏଙ୍କୁ ଶ୍ରମିକ ସଂଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପ୍ରଶାସନ ୩ ମାସ ସମୟ ମାଗିଛି। ଏହି ସମୟ ମଧ୍ୟରେ ପଦକ୍ଷେପ ନ ନେଲେ ପୁଣି ଆନ୍ଦୋଳନ କରିବୁ ବୋଲି ଶ୍ରମିକ ସଂଗଠନଗୁଡିକ କହିଛନ୍ତି। ଶ୍ରମିକ ମାନଙ୍କ ଉପରେ ହୋଇଥିବା ୪ଟି ମାମଲାକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ଗୋପାଳପୁର ପୋର୍ଟ ମଜଦୁର ୟୁନିୟନର ସଭାପତି କେ. ଏଲେୟା, ସାଧାଣ ସମ୍ପାଦକ ବି. ସିମାଦ୍ରୀ, ଯୁଗ୍ମ ସମ୍ପାଦକ ପି ରାମବାବୁ ଓ ଏନ୍. ଦୀନବନ୍ଧୁ, ପୋର୍ଟ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଏମ ଭେଙ୍କଟ୍, କୋଷାଧ୍ୟକ୍ଷ ଏମ୍. କାନକା, ପୋର୍ଟ ଡକ୍ ୱାର୍କସ ୟୁନିୟନର ଉପସଭାପତି ଜି. ଜଗନ୍ନାଥ, ସହସମ୍ପାଦକ ଏସ୍. କ୍ରିଷ୍ଣା, ସାଧାରଣ ସମ୍ପାଦକ ଜି. ଦାଲେୟା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମାର୍ଟକ୍ଲାସ ପ୍ରସ୍ତୁତି ସମୀକ୍ଷା କଲେ ଗଣଶିକ୍ଷା ମନ୍ତ୍ରୀ

ପାରଳାଖେମୁଣ୍ଡି,୧୯।୮(ଡି.ଏନ.ଏ)

ପାରଳାଖେମୁଣ୍ଡି ମହାରାଜା ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଆବଶ୍ୟକ ଭିତ୍ତଭୂମି ସହ ରୂପାନ୍ତରୀକରଣ ୫-ଟି ପଦ୍ଧତିରେ ଚାଲିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଗୁରୁବାର ଗଜପତି ଜିଲା ଗସ୍ତରେ ଆସି ଏହି ସ୍ମାର୍ଟ ସ୍କୁଲ ୨ଟିର ପ୍ରସ୍ତୁତି ଓ ଉନ୍ନତୀକରଣର ସ୍ଥିତି ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଦାସ ଏହି ସ୍କୁଲ ପରିଦର୍ଶନ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାରେ ଶିକ୍ଷାର ବିକାଶ ତଥା ଆଦର୍ଶ ବିଦ୍ୟାଳୟଗୁଡିକର କାର୍ଯ୍ୟକାରିତା ଓ ଏହାର ହଷ୍ଟେଲ ପରିଚାଳନା, ୩ଟି ଉତ୍କର୍ଷ ବିଦ୍ୟାଳୟ କେନ୍ଦ୍ରର ବିକାଶ, ୫ଟି ଅନ୍ତର୍ଭୁକ୍ତ ବିଦ୍ୟାଳୟର ବିକାଶ, ମୋ ସ୍କୁଲ କାର୍ଯ୍ୟକ୍ରମର ଅଗ୍ରଗତି, ମଧ୍ୟାହ୍ନଭୋଜନ ପରିଚାଳନା, ବୈଷୟିକ ଶିକ୍ଷାର ବିକାଶ,




ସମୀକ୍ଷା ବୈଠକରେ ମନ୍ତ୍ରୀ ଓ ଅନ୍ୟମାନେ।

ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନା ଆଦି ଉପରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖିଥିବା ୪ଜଣ ଓ ସିବିଏସି ସିଲାବସର ୧୦ମ ଶ୍ରେଣୀରେ ପ୍ରଥମ ହୋଇଥିବା ୧୧ ଛାତ୍ରୀଛାତ୍ରଙ୍କୁ ଲାପଟପ ଦିଆଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃଷକେତୁ ଦାସ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ, ଜିଲା ବିଜ୍ଞାନ ନିରୀକ୍ଷକ ସାମ୍ବିକ କୁମାର ପଟ୍ଟନାୟକ, ଡିଏସଓ ପ୍ରଭାକର ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସମଗ୍ର ଶିକ୍ଷା ଅଭିଯାନର ପ୍ରୋଗ୍ରାମ ଅଫିସର ପ୍ରଦ୍ୟୁମ୍ନ ପତି, ସମସ୍ତ ବ୍ଲକର ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆ ଜୀବନ ପାଇଲେ ଭିନ୍ନକ୍ଷମ ଯୁବକ

ଖଣ୍ଡପଡା,୧୯।୮(ସ୍ୱ.ପ୍ର)

ଦୀର୍ଘ ୮ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଘରେ ଏକ ଶିକୁଳିରେ ବନ୍ଧା ହୋଇ ରହିଥିବା ଖଣ୍ଡପଡ଼ା ସହରର ୧୧ନଂ. ୱାର୍ଡ ଅଧୀନ ଗଡଭିତର ସାହିର ଜଣେ ମାନସିକ ବିକାରଗସ୍ତ ଭିନ୍ନକ୍ଷମ ଯୁବକ ବାପୁନି ମାଝି(୩୨) ନୂଆ ଜୀବନ ପାଇଛନ୍ତି। ମାନାବାଧିକାର କର୍ମୀଙ୍କ ହସ୍ତକ୍ଷେପ ପରେ ସେ ଶିକୁଳି ମୁକ୍ତ ହେବା ସହ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ବାପୁନି ମାନସିକ ବିକାରଗସ୍ତ ହୋଇଥିବାରୁ ପରିବାରବର୍ଗଙ୍କ ପାଇଁ ବୋଝ ପାଲଟିଥିଲେ। ତାଙ୍କୁ ଘରେ ଲୁହା ଶିକୁଳିରେ ବନ୍ଧା ହୋଇ ରଖାଯାଇଥିଲା। କୌଣସି ସୂତ୍ରରୁ ଖବରପାଇ ମାନବାଧିକାର କର୍ମୀ ପ୍ରଦିପ୍ତ କିଶୋର ମିଶ୍ର, ଡ.ପ୍ରିତମ ମହାପାତ୍ର, ଦିଲୀପ କୁମାର ସାହୁ ପ୍ରମୁଖ ପହଞ୍ଚି ବାପୁନିଙ୍କୁ ଉଦ୍ଧାର କରି ଶିକୁଳି ଖୋଲି ଦେଇଥିଲେ। ସେମାନେ ବାପୁନିଙ୍କୁ ପ୍ରଥମେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ସେ ଚିକିତ୍ସିତ ହୋଇ ଘରକୁ ଫେରଛନ୍ତି। ପୁନର୍ବାର ମାନବାଧିକାର କର୍ମୀମାନେ ବାପୁନିଙ୍କ ଘରେ ଗୁରୁବାର ପହଞ୍ଚି ଭଲମନ୍ଦ ବୁଝିବା ସହ ତାଙ୍କୁ ପୁରୀ ଜିଲାର ନୀଳାଚଳ ସେବା ପ୍ରତିଷ୍ଠାନକୁ ପଠାଇ ଦେଇଛନ୍ତି।



ଶିକୁଳିରେ ବନ୍ଧା ହୋଇଥିବା ଭିନ୍ନକ୍ଷମ ଯୁବକଙ୍କୁ ଉଦ୍ଧାର କରାଯାଉଛି।

# ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ

ଖଣ୍ଡପଡା,୧୯।୮(ସ୍ୱ.ପ୍ର)



ବର୍ଷା ଜଳ ନିଷ୍କାସନ ପାଇଁ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏବେ ସିମେଣ୍ଟ କଂକ୍ରିଟ୍ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହାକୁ ତିଆରି କରାଯାଉଛି। ଏହି ଡ୍ରେନ୍ କାର୍ଯ୍ୟ ଆଗାମୀ ୧୫ରୁ୨୦ ଦିନ ମଧ୍ୟରେ ସମ୍ପନ୍ନ ହୋଇଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀଯନ୍ତ୍ରୀ ଇଂ. ସୁଦିପ୍ତ କୁମାର ଛୁଆଳସିଂ ସୂଚନା ଦେଇଛନ୍ତି। ଏହି ରାସ୍ତାରେ ମାସ ମାସ ଧରି ବର୍ଷା ପାଣି ଜମି ରହିବା ଯୋଗୁ ଯାନବାହନ ଚଳାଚଳ ସହ ଯାତାୟାତ ବାଧାପ୍ରାପ୍ତ ହେଉଥିଲା। ରାସ୍ତା ପାର୍ଶ୍ୱବର୍ତ୍ତୀ ଘରେ ବର୍ଷା ଜଳ ପ୍ରବେଶ କରୁଥିଲା। ଖଣ୍ଡପଡ଼ାରୁ ମର୍ଦ୍ଦରାଜପୁର ଗ୍ରାମ ଦେଇ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ଏହି ରାସ୍ତାରେ ପାଣି ଜମି ରହିବା ଯୋଗୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମବାସୀ ଏବିଷୟରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଡ୍ରେନ୍ କାମ ଆରମ୍ଭ ହୋଇଛି। ଦୀର୍ଘ ବର୍ଷର ଦାବିପୂରଣ ହୋଇଥିବାରୁ ଅଞ୍ଚଳବାସୀ ଆନନ୍ଦିତ ହୋଇଛନ୍ତି।

# ଚିକିତ୍ସା ବେଳେ ଅଣସ୍ୱାସ୍ଥ୍ୟ କର୍ମଚାରୀ ନ ରହିବାକୁ ନିର୍ଦ୍ଦେଶ

ହିଞ୍ଜିଳିକାଟୁ,୧୯।୮(ଡି.ଏନ.ଏ.): ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ୮୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା, ଡାକ୍ତରଖାନାକୁ କାଟାଗୋରୀ-୨ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା, ଡାକ୍ତର,ନର୍ସ ଓ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ହିଞ୍ଜିଳିକାଟୁ ଡାକ୍ତରଖାନାରେ ରୋଗୀ ସେବାରେ ଚରମ ଅବହେଳା ହେଉଥିବା ଦେଖାଯାଇଛି। ଜଣେ ସୁରକ୍ଷା କର୍ମୀ (ଗ୍ରୁପ-୪ ସିକ୍ୟୁରିଟି ଗାର୍ଡ) ରୋଗୀ ଦେଖୁଥିବା ଭିଡିଓ ଗତ ୨ଦିନ ହେଲା ଭାଇରାଲ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପି.କେ. ମହାପାତ୍ର ସରକାରୀ ଡାକ୍ତରଖାନା ଗୁଡ଼ିକରେ ଅଣସ୍ୱାସ୍ଥ୍ୟ କର୍ମଚାରୀ ରୋଗୀଙ୍କ ଚିକିତ୍ସା ବେଳେ ଉପସ୍ଥିତ ନ ରହିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଚିଠିରେ ଉକ୍ତ ଭାଇରାଲ ଭିଡ଼ିଓ ଘଟଣାର ତଦନ୍ତ ପରେ ଡ଼ାକ୍ତର ଡ୍ୟୁଟିରେ ଥାଇ ରୋଗୀ ଚିକିତ୍ସା କରିଥିଲେ, ସିକ୍ୟୁରିଟି ଗାର୍ଡ଼ ଜଣକ କେବଳ ରକ୍ତଚାପ ମପା ମେସିନର ହାତରେ ବାନ୍ଧିବା ଅଂଶକୁ ବାନ୍ଧିବାରେ ସାହଯ୍ୟ କରିଥିବା ଦର୍ଶାଇଛନ୍ତି। ଟଙ୍କାଛାଇ ଅଞ୍ଚଳର ଜଣେ ରୋଗୀ ହିଞ୍ଜିଳିକାଟୁ ମେଡିକାଲକୁ ଆସିଥିଲେ। ସେ ହଠାତ୍ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତର ଓ ନର୍ସ କେହି ନ ଥିବାରୁ ସେଠାରେ ଉପସ୍ଥିତ ସୁରକ୍ଷା କର୍ମୀ ରକ୍ତଚାପ ମପା ଯନ୍ତ୍ର ଆଣି ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ରୋଗୀଙ୍କ ଜଣେ ସମ୍ପର୍କୀୟ ଏହାର ଭିଡିଓ କରି ଭାଇରାଲ କରିଥିଲେ।

# ଶ୍ରୀନିବାସ ମୃତ୍ୟୁ ମାମଲାରେ ପୋଲିସ ଚୁପ୍

ଫୁଲବାଣୀ ଅଫିସ, ୧୯।୮

ଫୁଲବାଣୀ ସଦର ଥାନା ପଦରସାହିର ଶ୍ରୀନିବାସ କହଁରଙ୍କ ମୃତ୍ୟୁ ଘଟଣାକୁ ୭ ମାସ ପୁରିବାକୁ ବସିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଥାନାଧିକାରୀ, ଏସ୍‌ଡିପିଓଙ୍କ ପାଖରେ ବାରମ୍ବାର ଅଭିଯୋଗ ହୋଇଛି। ପୋଲିସ କେବଳ ମାମଲା (ନଂ.୨୮/୨୧) କରି ଚୁପ୍ ବସିଛି। ଗୁରୁବାର ଗ୍ରାମବାସୀ ଏ ନେଇ ଏସ୍‌ପିଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଅନ୍ୟପକ୍ଷରେ ଶ୍ରୀନିବାସ ମୃତ୍ୟୁକାଳୀନ ଜମାନବନ୍ଦୀରେ ହତ୍ୟାକାରୀ ସଂପର୍କରେ ପୋଲିସକୁ ସୂଚନା ଦେଇଥିବା କୁହାଯାଉଛି। ୧୫ ଦିନ ତଳେ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ଗ୍ରାମବାସୀ ଭେଟିଥିଲେ। ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ମିଳିଥିଲା ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ତୁରନ୍ତ

**ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ**

ଅଭିଯୁକ୍ତଙ୍କୁ ଗିରଫ କରାଯିବା ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବି ହୋଇଛି। ଏସପି ଅନୁପସ୍ଥିତ ଥିବାରୁ ଅତିରିକ୍ତ ଏସପି ବିପିନ ବିହାରୀ ବେହେରା ଅପରାଧୀକୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ମାମଲାକୁ ତ୍ୱରାନ୍ୱିତ କରିବା ପାଇଁ ଖଜୁରିପଡା ପୋଲିସକୁ କହିଛନ୍ତି। ସେହିଭଳି ଖଜୁରିପଡା ଥାନା ଅଧିକାରୀ ଶୀଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବା ସହ ଗ୍ରାମବାସୀ ସହଯୋଗ କରିବା ପାଇଁ ଅନୁରୋଧ କରଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୬ ତାରିଖରେ ଶ୍ରୀନିବାସ ଖଜୁରୀପଡା ବ୍ଲକ ବଡଭୂଇଁ ଗ୍ରାମକୁ ଏକ ଭୋଜିରେ ଯୋଗ ଦେବା ପାଇଁ ଯାଉଥିବା ବେଳେ କିଛି ଲୋକ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ପରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବାଲିଲୋକନାଥ ପୀଠକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି

ଗଞ୍ଜାମ,୧୯।୮(ଡି.ଏନ.ଏ.)

ଗଞ୍ଜାମ କାଇଁଚପୁର ପଞ୍ଚାୟତ ମାଳିଜଗନାଥପୁର ଗ୍ରାମ ସ୍ଥିତ ଋଷିକୂଲ୍ୟା ଅବବାହିକା ଝାଉଁବଣ ମଧ୍ୟରେ ପ୍ରସିଦ୍ଧ ବାବା ବାଲିଲୋକନାଥ ମନ୍ଦିର। ୨୦୧୫ରେ ମାଳିଜଗନାଥପୁର ଗ୍ରାମର ମନ୍ଦିର ମୁଖ୍ୟ ପରିଚାଳକ ବି ବନମାଳୀ ଗ୍ରାମବାସୀଙ୍କୁ ଏକାଠି କରି ଏହାର ଉନ୍ନତିକରଣ ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ। ନିଜସ୍ୱ ଟଙ୍କାରେ ପ୍ରଥମେ ସେଠାରେ କିଛି ଔଷଧୀୟ, ଫୁଲ ଗଛ ଲଗାଇ ଶିଶୁମାନଙ୍କ ମନୋରଞ୍ଜନ ନିମନ୍ତେ ପାର୍କ ନିର୍ମାଣ କରିଥିଲେ। ପରେ ଯୁବବର୍ଗଙ୍କ ପାଇଁ ଆଉଟଡୋର ଜିମ, ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କ ପାଇଁ ଶୌଚାଳୟ, ବିଶ୍ରାମଗାର ଆଦି ନିଜସ୍ୱ ଉଦ୍ୟମରେ ନିର୍ମାଣ ହୋଇଥିବା ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହିତ ଉକ୍ତ ପାର୍କର



ବାଲି ଲୋକନାଥ ଶୈବପୀଠ

ରକ୍ଷଣାବେକ୍ଷଣ ପାଇଁ ଦୁଇ ଜଣ ମାଳି ନିଯୁକ୍ତି କରି ସେମାନଙ୍କୁ ପ୍ରାପ୍ୟ ମଧ ମୁଖ୍ୟ ପରିଚାଳକ ଦେଉଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ କଲ୍ୟାଣ ମଣ୍ଡପ, ରୋଷେଇଶାଳା, ଷ୍ଟୋର ରୁମ ଏବଂ ପୂଜା ମଣ୍ଡପ ଆଦି ନିର୍ମାଣ କରାଯାଇଥିବା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଗ୍ରାସୀମ କମ୍ପାନୀ ସେଠାରେ ଭକ୍ତଙ୍କ ପ୍ରସାଦ ସେବନ ନିମନ୍ତେ ଏକ ଗୃହ ଯୋଗାଇ ଦେଇଛି। ପାର୍କର ଉନ୍ନତିକରଣ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କିଛି ଟଙ୍କା ପ୍ରଶାସନ ପ୍ରଦାନ କରିଥିବା ବେଳେ ପାର୍କର ରକ୍ଷଣାବେକ୍ଷଣ ଲାଗି ପ୍ରଶାସନ ପକ୍ଷରୁ କୌଣସି ଅନୁଦାନ ମିଳିନଥିବା ପରିଚାଳନା କମିଟି କହିଛି। ୨୦୧୯ରେ ପ୍ରଶାସନର ନଜରକୁ ଆସିଥିଲା ଏହି ପାର୍କ। ଏଠାରେ ପାର୍କ ନିର୍ମାଣ ହେବା ପରେ ଜିଲାର ଏକ ନମ୍ବର ପାର୍କ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଟୁଇଟର ମାଧ୍ୟମରେ ଘୋଷଣା କରିଥିଲେ। ଏହାର ଶ୍ରେୟ ଉକ୍ତ ପଞ୍ଚାୟତ ସରପଞ୍ଚଙ୍କୁ ପ୍ରଦାନ କରିଥିଲେ। ତା'ହେଲେ ଏହି ଐତିହାସିକ ଶୈବପୀଠକୁ କାହିଁକି ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦେଉନାହାନ୍ତି ସରକାର ବୋଲି ପରିଚାଳନା କମିଟି ପ୍ରଶ୍ନ କରିଛି। ଏଥିପାଇଁ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନର ଆନ୍ତରିକତା ଅଭାବକୁ ଦାୟୀ କରିଛି କମିଟି। ସରପଞ୍ଚ ଜି ସନ୍ତୋଷ ରେଡି କହିଛନ୍ତି ପାର୍କ ନିମନ୍ତେ ପ୍ରଶାସନ ପକ୍ଷରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଁ କଲଚର ଡିପାର୍ଟମେଣ୍ଟ ସହ ଆଲୋଚନା କରାଯାଇଛି ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଅଗଷ୍ଟ, ୨୦୨୧



**ଜଣେ ମୃତ, ୧୩ କରୋନା ଆକ୍ରାନ୍ତ**

**ନୟାଗଡ଼ ଅଫିସ :** ନୟାଗଡ଼ ଜିଲାରେ କରୋନାରେ ଗୁରୁବାର ରିପୋର୍ଟରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ପରିପ୍ରେକ୍ଷୀରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬,୦୭୯ରେ ପହଞ୍ଚିଛି। ଗୁରୁବାର ରିପୋର୍ଟରେ ଭାପୁର, ଦଶପଲ୍ଲା, ଗଣିଆ ଓ ଓଡଗାଁ ବ୍ଲକରେ ୧ଜଣ ଲେଖାଏ ୪ ଜଣ, ଖଣ୍ଡପଡା, ନୂଆଗାଁ ଓ ନୟାଗଡ ସହରାଞ୍ଚଳରେ ୨ଜଣ ଲେଖାଏ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ତେବେ ନୟାଗଡ ବ୍ଲକରେ କେବଳ ୩ଜଣ ଚିହ୍ନଟ ହୋଇଛନ୍ତି। ପ୍ରକାଶଥାଉ କି କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ଼ ଜିଲାରୁ ୧୯୨ ଜୀବନ ଦୀପ ଲିଭି ସାରିଲାଣି।

## ସଂକ୍ଷେପରେ

### ମୋବାଇଲ ଲୁଟ୍ ଅଭିଯୋଗରେ ୨ ଗିରଫ

ନୂଆଗାଁ, ୧୯।୮ (ଡି.ଏନ.ଏ.)
ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରୁ ମୋବାଇଲ ଲୁଟ୍ କରି ନେଇଥିବା ଦୁଇ ଅଭିଯୁକ୍ତ ପୋଲିସ ହାତରେ ଧରା ପଡିଛନ୍ତି। ସେମାନେ ବ୍ୟବହାର କରୁଥିବା ବାଇକ୍ ନମ୍ବରକୁ ଆଧାର କରି ପୋଲିସ ଧରିବାରେ ସକ୍ଷମ ହୋଇଛି। ଦୁଇଜଣ ହେଲେ ଭୁବନେଶ୍ୱର ଭରତପୁରର ପପୁ ନାଏକ (୨୧) ଓ ନୟାଗଡ ହାଟଦ୍ୱାରର ନିତ୍ୟାନନ୍ଦ ନାହକ (୨୩)। ନୂଆଗାଁ ଥାନା ଡମଡ଼ୁଲୁ ଗାଁର ପ୍ରଭାକର ଜାନୀ ରାସ୍ତା କଡରେ ଠିଆ ହୋଇ ନିଜ ଫୋନରେ କଥା ହେଉଥିଲେ। ଏହି ସମୟରେ ( ନଂ. ଓଡି୨୫ କେ ୭୦୯୩) ସ୍କୁଟିରେ ଦୁଇଜଣ ଯୁବକ ଆସି ପ୍ରଭାକରଠାରୁ ମୋବାଇଲ ଝାମ୍ପି ନେଇ ନୂଆଗାଁ ଅଭିମୁଖେ ଦ୍ରୁତଗତିରେ ପଳାଇ ଯାଇଥିଲେ। ଖବରପାଇ ପ୍ରଭାକର ସହ ସେହି ଗ୍ରାମର ଜଣେ ଯୁବକ ମିଶି ଲୁଟେରାଙ୍କ ପିଛା କରିଥିଲେ। କିନ୍ତୁ ସେମାନଙ୍କୁ ଧରି ପାରି ନ ଥିଲେ ମଧ ଗାଡି ନମ୍ବରକୁ ଲେଖି ଥାନାରେ ଜଣାଇଥିଲେ। ଗାଡି ନମ୍ବରକୁ ଯାଞ୍ଚ କରି ପୋଲିସ ସେମାନଙ୍କ ନିକଟରେ ପହଞ୍ଚି ଥାନାକୁ ଆଣି ଅଧିକ ତଦନ୍ତ ଚଳାଇଛି। ଥାନାରେ ନଂ. ୧୦୭/୨୧ରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲଣ କରାଯିବ ବୋଲି ଆଇଆଇସି ରମେଶ କୁମାର ଦେବତା ସୂଚନା ଦେଇଛନ୍ତି।

### ସଦ୍‌ଭାବନା ଦିବସ

**ନୟାଗଡ ଅଫିସ,୧୯।୮:** ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମଦିବସ ଅବସରରେ ସଦ୍‌ଭାବନା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଶପଥ ପାଠ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ୍ ସମସ୍ତ କର୍ମଚାରୀଙ୍କୁ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

### ତହସିଲ କର୍ମଚାରୀଙ୍କୁ ଗାଳି କରି ଜେଲ ଗଲେ ଯୁବକ

**ନୂଆଗାଁ, ୧୯।୮(ଡି.ଏନ.ଏ.) :** ନୟାଗଡ଼ ଜିଲା ନୂଆଗାଁ ତହସିଲ କର୍ମଚାରୀଙ୍କୁ ଗାଳି ଗୁଲଜ କରିବା ଅଭିଯୋଗରେ ଜଣେ ଯୁବକ ଗୁରୁବାର କୋର୍ଟ ଚାଲଣ ହୋଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନୟାଗଡ଼ ଜେଲକୁ ପଠାଇ ଦିଆଯାଇଛି। ଯୁବକ ଜଣକ ହେଲେ ନୂଆଗାଁ ଉଠାଣିସାହିର ରାମଚନ୍ଦ୍ର ପ୍ରଧାନ। ନୂଆଗାଁ ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ଗୁରୁବାର ରାମଚନ୍ଦ୍ର ହଠାତ୍ ତହସିଲ କାର୍ଯ୍ୟାଳୟ ମଧରେ ପ୍ରବେଶ କରି ସମସ୍ତ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ତହସିଲଦାରଙ୍କୁ ଗାଳି କରିବା ପାଇଁ ମଧ୍ୟ ପଛାଇ ନ ଥିଲେ। ରାମଚନ୍ଦ୍ର ଜଣେ ଟ୍ରାକ୍ଟର ମାଲିକ ହୋଇଥିବାରୁ ବେଆଇନ ଭାବେ ନଦୀରୁ ବାଲି ଓ ଜଙ୍ଗଲରୁ ପଥର ଆଣୁଥିବା ସମୟରେ କାଳେ ତହସିଲ କର୍ମଚାରୀ ଫାଇନ କାଟିବେ ସେଥିପାଇଁ ତହସିଲ କର୍ମଚାରୀଙ୍କୁ ଗାଳି ଗୁଲଜ କରି ଭୟଭୀତ କରାଇବାକୁ ଚେଷ୍ଟା କରିଥିଲେ। ଏ ନେଇ ନୂଆଗାଁ ତହସିଲଦାର ପ୍ରଲୟାନନ୍ଦ ଶତପଥୀ ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ନଂ. ୧୦୬/୨୧ରେ ମାମଲା ରୁଜୁ କରିଛି।

# ୨୫ ଲକ୍ଷ ଟଙ୍କାର ଫଲ୍ସ ବିଲ୍

- ଏମ୍‌ଜିଏନ୍‌ଆରଇଜିଏସ୍‌ରେ କେଳେଙ୍କାରୀ
- କାମ କରିଛନ୍ତି କୋଟିପତି ଜବ୍‌କାର୍ଡଧାରୀ
- ଯୋଜନାର ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ

**ନୟାଗଡ଼ ଅଫିସ/ଓଡଗାଁ,୧୯।୮(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କେଳେଙ୍କାରୀ ହୋଇଥିବା ଅଭିଯୋଗ ଉଠିଛି। ଏଠାରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫଲ୍‌ସ ବିଲ୍ କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଦୁଇ କୋଟିପତିଙ୍କ ପରିବାରର ସଦସ୍ୟ ଜବ୍‌କାର୍ଡଧାରୀ ହୋଇ ଏହି ଅର୍ଥ ଆତ୍ମସାତ କରିଛନ୍ତି। ଏଥିରେ ବ୍ଲକ ଓ ପଞ୍ଚାୟତ ଅଫିସର କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା କୁହାଯାଉଛି। ଏହାର ତଦନ୍ତ ପାଇଁ ଦାବି ହୋଇଥିବାବେଳେ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁସାରେ ରୋହିବାଙ୍କ ଅଞ୍ଚଳରେ ରାଇସ ମିଲ୍ ଓ ମାର୍କେଟ କମ୍ପ୍ଲେକ୍ସର ଦୁଇ ମାଲିକ ନିଜର ସଂସ୍ଥାରେ ବହୁ ଶ୍ରମିକଙ୍କୁ ନିୟୋଜିତ କରି ରୋଜଗାର ଦେଉଛନ୍ତି। କିନ୍ତୁ ସେହି ମାଲିକ ଦ୍ୱୟ କୋଟିପତି ହୋଇ ଜବ୍‌କାର୍ଡ ହାତେଇ ନେଇଛନ୍ତି। ପୁଣି ନିଜ ପରିବାର ସଦସ୍ୟଙ୍କ ନାମରେ ଅନୁରୂପ ଭାବେ ଜବ୍‌କାର୍ଡ କରାଇଛନ୍ତି। ଜବ୍‌କାର୍ଡଧାରୀ ହେବା ପରେ ଫାର୍ମପଣ୍ଡ ଖୋଳିଛନ୍ତି। ପୁଣି ଅନ୍ୟର ଆମ୍ବ ବଗିଚାରେ ଚାରା ଲଗାଇବା ଏପରିକି କାଜୁ ବଗିଚାରେ ଚାରା ଲଗାଇବା ଓ ଏହାର ରକ୍ଷଣାବେକ୍ଷଣ କରୁଛନ୍ତି ବୋଲି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଲ୍ କରାଇ ନେଇଛନ୍ତି। ଜଣେ ଶ୍ରମିକ ଗାଁଠାରୁ ପ୍ରାୟ ୫ କି.ମି. ଦୂର ଭିତରେ କାମ କରିବାର ନିୟମ ରହିଛି। କିନ୍ତୁ ଦୁଇ କୋଟିପତି ପରିବାରର ସଦସ୍ୟମାନେ ୫ କି.ମି. ଦୂରତାକୁ ଯାଇ ଶ୍ରମିକ ହୋଇ କାମ କରିଛନ୍ତି। ରୋହିବାଙ୍କ ପଞ୍ଚାୟତଠାରୁ ୫ କି.ମି. ଦୂରତାରେ ଥିବା ବାଣ୍ଡପୁର, ଭୋବସର ଆଦି ଗ୍ରାମରେ ଏପରି ଅନିୟମିତତାର ନଜିର ଅଛି। ଏହି ଦୁଇ କୋଟିପତି ପରିବାରର ଶ୍ରମିକମାନେ କୋମଣ୍ଡ ଓ ଓଡ଼ଗାଁ ବ୍ୟାଙ୍କରୁ ଟଙ୍କା ଉଠାଇଛନ୍ତି। ଏହି ପରିବାରର ସଦସ୍ୟମାନେ ରୋହିବାଙ୍କ କାଜୁ ଚାରା ଲଗାଇବା ନିମନ୍ତେ ୨ଲକ୍ଷ ୬୧୨ଟଙ୍କା, ଜୟ ମଙ୍ଗଳ ପ୍ରସାଦର ନୂତନ କାଜୁ ବଗିଚା ନିମନ୍ତେ ୧ଲକ୍ଷ ୪୧୬ଟଙ୍କା ଉଠାଣ କରିଛନ୍ତି। ସେହିପରି ଗାଁଠୁ ଦୂର ଭୋବସର ଜଣେ ତଫସିଲଭୁକ୍ତ ଜନଜାତିଙ୍କ ଆମ୍ବ ବଗିଚା ପାଇଁ ୧ ଲକ୍ଷ ୬,୧୭୧ଟଙ୍କା, ବାଣ୍ଡପୁର ନୂତନ କାଜୁ ବଗିଚା ପାଇଁ ୧ ଲକ୍ଷ ୮୨,୩୫୫ ଟଙ୍କା ଓ ଅନ୍ୟ ଏକ କାଜୁ ବଗିଚା ପାଇଁ ୧ଲକ୍ଷ ୮୨,୩୫୫ ଟଙ୍କା ଉଠାଣ ହୋଇଛି। ପୁଣି ଏକାଧିକ ଫାର୍ମ ପଣ୍ଡ ଓ ଡଗ ୱେଲ ପାଇଁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ୨୦୧୭ ମସିହାରୁ ଏହି କେଳେଙ୍କାରୀ ଚାଲିଛି। ଏଭଳିସ୍ଥଳେ ଅନ୍‌ଲାଇନରେ ଉପଲବ୍ଧ ଥିବା ମଷ୍ଟର ରୋଲରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟ ସମୂହର ପ୍ଲଟ ନମ୍ବର ନ ଥିବାରୁ ଦୁର୍ନୀତିର ଗନ୍ଧ ବାହାରିଥିଲା। କେତେଜଣ ଲୋକ ଏହାର ଖୋଳତାଡ କରି ଅନିୟମିତତାକୁ ଲୋକଲୋଚନକୁ ଆଣିଛନ୍ତି। ଏ ଦୁର୍ନୀତି ନେଇ କେତେଜର ଲୋକ ନିଜ ନାମ ଗୋପନ ରଖି କହିଛନ୍ତି, ଅନ୍ୟକୁ କାମ ଦେଉଥିବା ଲୋକ ଶ୍ରମିକଙ୍କ ନାମରେ ସରକାରୀ ଅର୍ଥ ହରିଲୁଟ୍ କରିଛନ୍ତି। ଅଧିକାଂଶ କାମ ନ ହୋଇ ଫଲସ୍ ବିଲ୍ ହୋଇଥିବାରୁ ଜାଣିଶୁଣି ପ୍ଲଟର ନମ୍ବର ରଖାଯାଇନାହିଁ। ଆମ୍ବ ଓ କାଜୁ ଗଛ ରହିଥିବା ବଗିଚାରେ ଆମ୍ବ ଓ କାଜୁ ଚାରା ରୋପଣ ନାଁରେ ହରିଲୁଟ୍ ହୋଇଛି।

ସରକାରୀ ଅନୁଦାନ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହୋଇଥିବାବେଳେ ଏବେ ପ୍ରାୟ ୨୫ ଲକ୍ଷ ଟଙ୍କା ଲୋକଲୋଚନକୁ ଆସିଛି। ଏହାର ଖୋଳତାଡ କଲେ ଅନେକ ଫଲସ ବିଲ୍ ନଜରକୁ ଆସିବ। ତେବେ ଏହି ଦୁର୍ନୀତିରେ ତଳୁ ଉପରସ୍ତର କର୍ମଚାରୀ ଓ ଅଧିକାରୀଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ଏଣୁ ଏହାର ତଦନ୍ତ ହେବ ନାହିଁ। ଭାପୁର ଦୁର୍ନୀତି ଯେପରି ସବୁ କିଛି ଠିକ୍‌ଠାକ ଅଛି କହି କ୍ଲିନଚିଟ୍ ଦିଆଗଲା ସେପରି କରାଯିବ। ଏଣୁ ଅଭିଯୋଗ କରିବାକୁ କେହି ଆଗଭର ହେଉନାହାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବେଆଇନ ଭାବେ ଅର୍ଥ ଉପାର୍ଜନ କରିବା ଓଡ଼ଗାଁ ବ୍ଲକରେ ଅନେକଙ୍କ ପାଇଁ ସୁଯୋଗ ଆଣି ଦେଇଛି। ବହୁ ରାଜନେତା, ସରକାରୀ କର୍ମଚାରୀ, କୋଟିପତି ବିନା ପରିଶ୍ରମରେ ଲାଭବାନ ହୋଇ ଚାଲିଛନ୍ତି। ତେବେ ଅନେକ ଯୋଜନାରୁ ଉପକୃତ ନ ହୋଇପାରି ଘରଠାରୁ ବହୁ ଦୂର ଦାଦନରେ ଯାଇ ଶ୍ରମିକ ହୋଇ କାମ କରୁଛନ୍ତି। ସରକାର ମଧ ଦୁର୍ନୀତିକୁ ଖୋଳତାଡ ନ କରି ବିକାଶ ଚାଲିଛି ବୋଲି କୁହାଯାଉଛି। ଏ ନେଇ ସ୍ଥାନୀୟ ସହକାରୀ ଯନ୍ତ୍ରୀ ଶରତ ମଲିକଙ୍କୁ ପଚାରିବାରେ ଜଣେ ଜବ୍‌କାର୍ଡଧାରୀ ଗାଁଠାରୁ ୫ କି.ମି. ଭିତରେ କାମ କରିପାରିବେ। ସେହିପରି କ୍ୟାସ ରୋଲରେ ପ୍ଲଟ ନମ୍ବର ଉଲ୍ଲେଖ ରହିଥିବ। ଏଗୁଡିକ ଯାଞ୍ଚ କରାଗଲେ ଜଣାପଡିବ। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କୁ ପଚାରିବାରେ ଏ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ବିଡିଓଙ୍କୁ କୁହାଯାଇଛି।

# ପଥପାର୍ଶ୍ୱ ବନୀକରଣ



**ଦଶପଲ୍ଲା,୧୯।୮(ଡି.ଏନ.ଏ.)**

ଦଶପଲ୍ଲାରେ ପଥପାର୍ଶ୍ୱ ବନୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜାତୀୟ ରାଜପଥ ନଂ. ୫୭ର ରଥଗାଁଠାରୁ କୁଟିବାରୀ ପର୍ଯ୍ୟନ୍ତ ରାସ୍ତା କଡ଼ରେ ୩,୫୦୦ଗଛ ଲାଗିବାକୁ ବନ ବିଭାଗ ଯୋଜନା ପ୍ରସ୍ତୁତ କରିବା ପରେ ଗୁରୁବାର ଶୁଭାରମ୍ଭ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଡିଏଫ୍ଓ ଧନରାଜ ଏଚ୍.ଡି., ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଉପାଧ୍ୟକ୍ଷ ବସନ୍ତ ସାହୁ, ସରପଞ୍ଚ ସରିଗଣ୍ଡା, ରେଞ୍ଜ ଅଫିସର ନିଖିଳେଶ ମଲ୍ଲିକ, ଫରେଷ୍ଟର ସନ୍ତୋଷ କୁମାର ଦୋରା ପ୍ରମୁଖ ଉପସ୍ଥିତ ରହି ବନୀକରଣ କାର୍ଯ୍ୟରେ ସହଯୋଗ କରିଥିଲେ।

# ଖବରକାଗଜ ବିତରକ ସଂଘ ଗଠିତ

**ନୟାଗଡ଼ ଅଫିସ,୧୯।୮**

ନୟାଗଡ଼ ସହରରେ ଖବରକାଗଜ ବିତରକମାନଙ୍କର ଏକ ବୈଠକ ଗୁରୁବାର ପୁରୁଣାସହର ଜଗନ୍ନାଥ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। କାଶୀନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ତଥା ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଘ ଗଠନର ଆବଶ୍ୟକତା ଏବଂ ଗୁରୁତ୍ୱ ବିଷୟରେ ପଟ୍ଟନାୟକ ଆଲୋଚନା କରିଥିଲେ। ରାଜ୍ୟ ସରକାର ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ କରୁଥିବା ସୁବିଧା ଖବରକଗଜ ବିତରକମାନେ କିଭଳି ପାଇବେ ଏବଂ ଏଥିପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟରେ ସମସ୍ତ ଶ୍ରମିକଙ୍କ ନାମ ପଞ୍ଜୀକରଣ କରି ପରିଚୟ ପତ୍ର ପାଇବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ସର୍ବସମ୍ମତକ୍ରମେ ଶୁକ୍ରବାର ନୟାଗଡ଼ ଖବରକାଗଜ ବିତରକ ସଂଘ ଗଠନ କରାଯାଇଛି। ସଂଘକୁ ସୁପରିଚାଳନା କରିବା ପାଇଁ ଉପଦେଷ୍ଟା ଭାବେ ଶ୍ରୀକାନ୍ତ ପଟ୍ଟନାୟକ, ସଭାପତି ଭାବେ କାଶୀନାଥ ମିଶ୍ର, ସମ୍ପାଦକ ଭାବେ ବୈକୁଣ୍ଠ ନାଥ ନାୟକ, କୋଷାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସହସମ୍ପାଦକ ଭାବେ ଜଗନ୍ନାଥ ଆଚାର୍ଯ୍ୟଙ୍କ ନାମ ଚୟନ କରାଯାଇଛି। ଆସନ୍ତା ସୋମବାର ପୁଣି ସଂଘ ବୈଠକ ବସିବା ସହ ପରବର୍ତ୍ତୀ କାର୍ଯ୍ୟାପନ୍ଥା ସ୍ଥିର କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଏଥିରେ ସହରର ସମସ୍ତ ବିତରକ ଯୋଗ ଦେଇଥିବା ବେଳେ ସଙ୍ଗଠନରେ ଜିଲାର ସମସ୍ତ ବିତରକୁ ସାମିଲ କରିବାକୁ ଆଲୋଚନା ହୋଇଛି।



ବୈଠକରେ ଯୋଗ ଦେଇଥିବା ଖବରକାଗଜ ବିତରକ ସଂଘର ସଦସ୍ୟମାନେ।

## ୧କୋଟି ଟଙ୍କା ହଡ଼ପର ତଦନ୍ତ ଦାବି

# ଶରଣକୁଳ ସମିତି ସମ୍ମୁଖରେ ଧାରଣା




ଶରଣକୁଳ ସେବା ସମବାୟ ସମିତି ଆଗରେ ଚାଷୀମାନଙ୍କ ପକ୍ଷରୁ ଧାରଣା ଦିଆଯାଇଛି।

**ନୟାଗଡ଼ ଅଫିସ,୧୯।୮**

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ଶରଣକୁଳ ସେବା ସମବାୟ ସମିତିରେ ଗତ ଦୁଇବର୍ଷର ଚାଷୀ ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା କରାଯାଇଛି। ନକଲି ଚାଷୀଙ୍କ ନାମରେ ୧ କୋଟି ଟଙ୍କା ହଡପ କରାଯାଇଛି। ଏହାର ତଦନ୍ତ ଦାବିରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶରଣକୁଳର ଚାଷୀ ଗୋପାଳ କୃଷ୍ଣ ଆଜାଦ ଧାରଣାରେ ବସିଛନ୍ତି। ଏହି ଧାରଣାରେ ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ରଣଜିତ ଦାଶ, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ଚାଷୀ ତାଲିକାକୁ ଆରଟିଆଇରେ ମାଗିଲେ ସମିତି ପକ୍ଷରୁ ଦିଆଯାଉ ନ ଥିବା ଅଭିଯୋଗ ରହିଛି।

### ମଦ ଜବତ, ବେପାରୀ ଗିରଫ

**ନୂଆଗାଁ,୧୯।୮ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ପୋଲିସ ଗୁରୁବାର ସିକ୍ରିଡା ଗ୍ରାମର ସୁଦର୍ଶନ ପରିଡାଙ୍କ ନିକଟରୁ ୬ ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରି ନଂ. ୧୦୮/୨୧ରେ ମାମଲା ରୁଜୁ କରିଛି । ସୁଦର୍ଶନ ଦୀର୍ଘଦିନ ଧରି ମଦ ବେପାର କରି ଆସୁଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗ ପାଇ ପୋଲିସ ସୁଦର୍ଶନଙ୍କ ଘରେ ଚଢାଉ କରି ଦେଶୀ ମଦ ପାଇଥିବା ନେଇ ଆଇଆଇସି ରମେଶ କୁମାର ଦେବତା ସୂଚନା ଦେଇଛନ୍ତି।

# ଦଲାଲ ଗିରଫ, ଭୟରେ ଡାଟା ଏଣ୍ଟ୍ରି ଅପରେଟର

**ନୟାଗଡ଼ ଅଫିସ,୧୯।୮**

**ଜରୁରିକାଳୀନ ବିଭାଗରେ ଚାଲିଥିଲା ଲାଞ୍ଚ କାରବାର**

ନୟାଗଡ଼ ଜରୁରିକାଳୀନ ବିଭାଗରେ ଦଲାଲ ମାଧ୍ୟମରେ ଚାଲିଥିବା ଲାଞ୍ଚ କାରବାରର ପର୍ଦ୍ଦାଫାସ ହୋଇଛି। ଚାନ୍ଦପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଦଲାଲଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିବା ପରେ ଲାଞ୍ଚ କାରବାରରେ ଲଗାମ ଲାଗିଛି। ତେବେ ଲାଞ୍ଚ କାରବାରରେ ଦଲାଲ ସହ ସମ୍ପୃକ୍ତି ଥିବା ଡାଟା ଏଣ୍ଟ୍ରି ଅପରେଟରକୁ ଗିରଫ କରିବାକୁ ଦାବି ହେଉଛି। ଚାନ୍ଦପୁର ପୋଲିସ ଓଡ଼ଗାଁ ଆଦର୍ଶ ଥାନା ରଙ୍ଗଣୀପାଟଣା ଗାଁର ସୁଜନ ନାହାକଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସୂଚନା ଅନୁସାରେ, ସାପ କାମୁଡ଼ିକା, ବଜ୍ରପାତରେ ମୃତ୍ୟୁ ପରି ବିଭିନ୍ନ କାମ ନେଇ ଜରୁରିକାଳୀନ ବିଭାଗକୁ ଆସୁଥିବା ଲୋକ ଠକେଇର ଶିକାର ହେଉଥିଲେ। ରଙ୍ଗଣୀପାଟଣାର ସୁଜନ ନାହାକ ଡାଟା ଏଣ୍ଟ୍ରି ଅପରେଟରକୁ ହାତ କରି ଜରୁରିକାଳୀନ ବିଭାଗକୁ ଆସୁଥିବା ଲୋକଙ୍କୁ ବିଭିନ୍ନ ଯୋଜନାରେ କାମ କରାଇ ଦେବାକୁ କହି ଲାଞ୍ଚ ନେଉଥିଲେ। କାମ ଶେଷ ପରେ ଡାଟା ଏଣ୍ଟ୍ରି ଅପରେଟରଙ୍କ ସହ ମିଶି ସୁଜନ ଲାଞ୍ଚ ଟଙ୍କାକୁ ଭାଗ ବାଣ୍ଟୁଥିଲେ ବୋଲି ଜଣାପଡିଛି।

**ପର୍ଦ୍ଦାଫାଶ ହେଲା ରୋଜାଲିନ ହତ୍ୟା ଘଟଣା**

# ଜୀବିତ ଫେରିଲେ ବୋହୂ

**ନୟାଗଡ଼ ଅଫିସ,୧୯।୮**



- ପୋଲିସ ଗୁମର ଖୋଲିବା ପରେ ଆଶ୍ୱସ୍ତି ହେଲେ ଶାଶୁଘର

ନୟାଗଡ଼ ଜିଲା ଶରଣକୁଳ ଥାନା ଶରଣକୁଳ ଗୁଡିଆସାହିର ରୋଜାଲିନ ସାହୁ ନବବଧୂ ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ରୋଜାଲିନ ମୃତ ନୁହେଁ ଜୀବତ ବୋଲି ପ୍ରମାଣିତ ହୋଇଛି। ରୋଜାଲିନଙ୍କୁ ଖଣ୍ଡଗିରିରୁ ବୁଧବାର ଶରଣକୁଳ ଥାନା ପୋଲିସ ଉଦ୍ଧାର କରି ଗୁରୁବାର କୋର୍ଟରେ ହାଜର କରାଇଛି। କୋର୍ଟ ନିର୍ଦ୍ଦେଶ ମୁତାବକ ବାପ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ପ୍ରକୃତ ଘଟଣାର ଗୁମର ଖୋଜିବା ପରେ ଶାଶୁଘରର ସଦସ୍ୟ ଆଶ୍ୱସ୍ତି ଲାଭ କରି ଅପବାଦରୁ ମୁକ୍ତି ପାଇଛନ୍ତି। ଅପରପକ୍ଷେ ପୋଲିସର ଟେନସନ ଦୂର ହୋଇଛି।
ପ୍ରାପ୍ତ ସୂଚନା ଅନୁସାରେ, ଶରଣକୁଳ ଗୁଡିଆସାହି ନାରାୟଣ ସାହୁ ଜୁନ ୫ରେ ରଣପୁର ଥାନା ଗୋଡିମଡାର ରୋଜାଲିନଙ୍କୁ ବିବାହ କରିଥିଲେ। ସ୍ତ୍ରୀ ରୋଜାଲିନ ଗତ ୮ ତାରିଖ ରାତିରେ ନିଖୋଜ ହୋଇଥିଲେ। ଶାଶୁ ଘର ପକ୍ଷରୁ ବୋହୂର ନିଖୋଜ ନେଇ ଅଭିଯୋଗ ପରେ ପୋଲିସ ନଂ. ୧୬/୨୧ରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ୧୧ ତାରିଖରେ ଝିଅର ବାପା ଗୋଡିମଡାର ପ୍ରଫୁଲ୍ଲ ସାହୁ ଥାନାରେ ଶାଶୁ ଘର ବିରୋଧରେ ଅଭିଯୋଗ କରିଥିଲେ। ରୋଜାଲିନଙ୍କୁ ହତ୍ୟା କରାଯାଇ ନିଖୋଜର ବାହାନା ବନା ଯାଉଛି। ପୋଲିସର ସହଯୋଗ ମିଳୁନି। ଏଭଳିସ୍ଥଳେ ପୋଲିସ ବାଧ ହୋଇ ନଂ.୯୮/୨୧ରେ ହତ୍ୟା ମାମଲା ରୁଜୁ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣି ପାରିଥିଲା ରୋଜାଲିନକୁ ହତ୍ୟା କରାଯାଇନି। ତାଙ୍କୁ ନିଖୋଜ କରାଇ ମିଛଟାରେ ହତ୍ୟା ଅଭିଯୋଗ କରି ଶାଶୁଘରକୁ ହଇରାଣ କରିବାକୁ ଉଦ୍ୟମ କରାଯାଇଛି। ଏଭଳିସ୍ଥଳେ ରୋଜାଲିନଙ୍କ ମୋବାଇଲକୁ ଟ୍ରାକିଂ କରି ପୋଲିସ ଘଟଣାର ସତ୍ୟାସତ୍ୟ ପଦାକୁ ଆଣିଥିଲା। ଖଣ୍ଡଗିରିରେ ରୋଜାଲିନ୍ ରହୁଥିବା ଜାଣି ଏକ ଟିମ୍ ଗଠନ କରାଯାଇଥିଲା। ଏସଆଇ ରାମ ଦାଶ ଦେଶରା, କନଷ୍ଟେବଲ ପ୍ରସନ୍ନ ପ୍ରଧାନ ଓ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ ମିଳିତ ଭାବେ ଖଣ୍ଡଗିରିକୁ ଯାଇ ବୁଧବାର ରୋଜାଲିନକୁ ଉଦ୍ଧାର କରିଥିଲେ। ଚିକିତ୍ସାଳୟରେ କରୋନା ପରୀକ୍ଷା କରାଇ କୋର୍ଟରେ ହାଜର କରାଇଥିଲେ। ଆଇଆଇସି ପୂର୍ଣ୍ଣଚନ୍ଦ୍ରଙ୍କ ସୂଚନା ଅନୁସାରେ, ଝିଅଙ୍କ ନିଖୋଜ କରାଇ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଥିଲା। ରୋଜାଲିନ ଉଦ୍ଧାର ପରେ ହତ୍ୟା ମିଥ୍ୟା ପ୍ରମାଣିତ ହୋଇଛି। ଏଣୁ ହତ୍ୟା ମାମଲାକୁ ବାତିଲ କରି ଦିଆଯାଇଛି। ପୋଲିସ ବଦନାମରୁ ମୁକ୍ତି ପାଇଛି। ଶାଶୁ ଘର ଅପବାଦରୁ ରକ୍ଷା ପାଇଛନ୍ତି। ଏଭଳି ମିଥ୍ୟା ଅଭିଯୋଗ ହେଲେ ଅଯଥାରେ ପୋଲିସର ସମୟ ବରବାଦ ହେଲା ବୋଲି ସେ କହିଛନ୍ତି।

# ଜିଲା ଉନ୍ନୟନ ସମନ୍ୱୟ, ପର୍ଯ୍ୟାଲୋଚନା କମିଟି ବୈଠକ




ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ।

**ନୟାଗଡ଼ ଅଫିସ,୧୯।୮**

ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା (ଦିଶା)କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବା ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହାର ସମାଧାନ ଦିଗରେ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ପରେ ଖାଦ୍ୟ ସୁରକ୍ଷା ଆଇନ୍ ଉପରେ ଆଲୋଚନା କରି ଜିଲାରେ ବର୍ତ୍ତମାନ କେତେ ହିତାଧିକାରୀ ଅଛନ୍ତି ଏବଂ ସମସ୍ତ ହିତାଧିକାରୀ ଯେପରି ଠିକ୍ ସମୟରେ ରାଶନ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାପାଇଁ ଜିଲା ପ୍ରଶାସନକୁ ଏମ୍‌ପି ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ ଓ ସହରାଞ୍ଚଳ) ଉପରେ ଆଲୋଚନା କରାଯାଇଥିଲା। ନୟାଗଡ଼ ଜିଲା ୨୦୨୦-୨୧ ଆର୍ଥିକ ବର୍ଷରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଏଥିରେ ସୂଚନା ଦିଆଯାଇଥିଲା। ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀମାନେ କିପରି ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲା ପ୍ରଶାସନକୁ ଏମ୍‌ପି ପରାମର୍ଶ ଦେଇଥିଲେ। ଭୂମିହୀନ ହିତାଧିକାରୀମାନଙ୍କୁ ତୁରନ୍ତ ସରକାରୀ ଜାଗା ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କୋଭିଡ୍ ମହାମାରୀକୁ ନିୟନ୍ତ୍ରଣ କରାଯାଇ ପାରିଛି। ଜିଲା ସଦର ହସ୍ପିଟାଲଠାରେ ଏକ ଅକ୍ସିଜେନ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଜିଲାରେ ଚାନ୍ଦପୁର ଓ ଖଣ୍ଡପଡ଼ାଠାରେ ଦୁଇଗୋଟି କୋଭିଡ୍ ହସ୍ପିଟାଲ କାର୍ଯ୍ୟ କରୁଥିବା କୁହାଯାଇଛି।

ପ୍ରତିଦିନ ଜିଲାରେ ପାଖାପାଖି ୪ହଜାରରୁ ଊର୍ଦ୍ଧ୍ୱ କୋଭିଡ୍ ଟେଷ୍ଟିଂ କରାଯାଉଛି। ଅନ୍ୟପକ୍ଷେ ଜିଲା ସଦର ହସ୍ପିଟାଲ ଆଇଏସଓ ମାନ୍ୟତା ପାଇଛି। ପୁଣି ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ଏହାଛଡ଼ା ନୂଆଗାଁ, ରାସଙ୍ଗ, ଚଢ଼େୟାପଲ୍ଲି, ଡମସାହି ପ୍ରାଥମିକ ହେଲଥ ସେଣ୍ଟରଗୁଡିକର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ବୃକ୍ଷରୋପଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦର ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି, ବନଖଣ୍ଡ ଅଧିକାରୀ ଧନରାଜ ଏଚ.ଡି., ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ , ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ପରିଷଦର ସମସ୍ତ ସଦସ୍ୟ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ଲାଇନ୍ ବିଭାଗର ଅଧିକାରୀମାନେ ଯୋଗଦାନ କରିଥିଲେ। ଶେଷରେ ଜିଲାପାଳ ପୋମା ଟୁଡୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।